visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.218 Bhubaneswar Wednesday October 19 2022 ୨୫ତମ ବର୍ଷ ସଂଖ୍ୟା-୨୧୮ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ହୃଦରୋଗ ବିଶେଷଜ୍ଞଙ୍କର ହୃଦୟ ନାହିଁ, ଦିଲ୍ ଦେଇ ଠକିଦେଲେ !

ଭୁବନେଶ୍ୱର ,୧୮।୧୦(ପି.ଏନ): ହୃଦରୋଗ ବିଶେଷଜ୍ଞଙ୍କର ହୃଦୟ ନାହିଁ ! ବାହାହେବା ପାଇଁ ପ୍ରତିଶ୍ରୁତି ଦେଇ ଦିଲ୍ ଦେଇଥିଲେ। ଶାରୀରିକ ସମ୍ପର୍କ ରଖିଲେ ! ପରେ ଠକିଦେଲେ। ଏପରି ଅଭିଯୋଗ ଆସିଛି ଭୁବନେଶ୍ୱର ଏମ୍‌ସର ହୃଦରୋଗ ବିଶେଷଜ୍ଞ ଡାକ୍ତର ଜୟଦୀପ ଦାସଗୁପ୍ତାଙ୍କ ବିରୋଧରେ। ପ୍ରେମିକାଙ୍କ ଅଭିଯୋଗ ଆଧାରରେ ଭୁବନେଶ୍ୱର ମହିଳା ଥାନା ପୁଲିସ୍ ତାଙ୍କୁ ଗିରଫ କରିଛି ।ଖୋର୍ଦ୍ଧା ଅଞ୍ଚଳର ମାଧବୀ(ଛଦ୍ମନାମ) ପେଶାରେ ଜଣେ ବ୍ୟାଙ୍କ କର୍ମଚାରୀ। ଦୁଇ ବର୍ଷ ତଳେ ତାଙ୍କ ବାପା ଅସୁସ୍ଥ ହୋଇ ପଡିଥିଲେ। ସେ ତାଙ୍କୁ ଏମ୍‌ସ ହୃଦରୋଗ ବିଭାଗରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଚିକିତ୍ସା କରୁଥିଲେ ହୃଦରୋଗ ବିଶେଷଜ୍ଞ ଡାକ୍ତର ଜୟଦୀପ ଦାସଗୁପ୍ତା। ବାପାଙ୍କ ପାଖରେ ଆଟେଣ୍ଡାଣ୍ଟ ଭାବେ ରହୁଥିଲେ ମାଧବୀ। ଚିକିତ୍ସା କରିବା ଭିତରେ ମାଧବୀଙ୍କୁ ପ୍ରେମରେ ପଡିଥିଲେ ଡାକ୍ତର ଦାସଗୁପ୍ତା। ପରେ ତାଙ୍କୁ ତାଙ୍କ ମୋବାଇଲ୍ ନମ୍ବର ମାଗିଥିଲେ। ହେଲେ ମାଧବୀ ତାଙ୍କୁ ଫୋନ୍ ନମ୍ବର ଦେଇନଥିଲେ। ଯେଉଁଥିପାଇଁ ମାଧବୀଙ୍କ ବାପାଙ୍କୁ ଡାକ୍ତର ଦାସଗୁପ୍ତା ଡିସ୍‌ଚାର୍ଜ କରୁନଥିବା ଅଭିଯୋଗ ହୋଇଥିଲା। ପରେ ମାଧବୀ ମୋବାଇଲ୍ ନମ୍ବର ଦେବାରୁ ସେ ଡିସ୍‌ଚାର୍ଜ କରିଥିଲେ ।ମାଧବୀ ତାଙ୍କ ବାପାଙ୍କୁ ଧରି ଘରକୁ ପଳାଇ ଆସିଲେ। ହେଲେ ଡାକ୍ତର ଦାସଗୁପ୍ତା ତାଙ୍କ ପିଛା ଛାଡି ନଥିଲେ। ବାରମ୍ବାର ଫୋନ୍ କରୁଥିଲେ। କଥା ହେଉ ହେଉ ଉଭୟ ପରସ୍ପରର ପ୍ରେମରେ ପଡି ଗଲେ। ଉଭୟ ପରସ୍ପରକୁ ଦେଖା କରୁଥିଲା ଓ ମିଳାମିଶା ହେଉଥିଲେ। ଏମିତି କେତେ କ'ଣ କଥା ଆଗକୁ ବଢ଼ିଲା। ଯାହାଫଳରେ ମାଧବୀ ଗର୍ଭବତୀ ହୋଇଥିବା ଅଭିଯୋଗ ହୋଇଥିଲା। ଏକଥା ଜାଣିବା ପରେ ତାଙ୍କ ଗର୍ଭ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି ।ଚତୁର ହୃଦରୋଗ ବିଶେଷଜ୍ଞ ଡାକ୍ତର ଦାସଗୁପ୍ତ ଏହାରି ଭିତରେ ମାଧବୀଙ୍କଠାରୁ ଦୂରେଇ ଯିବା ପାଇଁ ଚାହିଁଥିଲେ। ପୂର୍ବ ପରି ଆଉ ଫୋନ୍ କରିନଥିଲେ। କଥା ହେଲେନାହିଁ। ଅନ୍ୟପକ୍ଷରେ ଡାକ୍ତର ଦାସଗୁପ୍ତା ଅନ୍ୟ ଜଣେ ଯୁବତୀଙ୍କୁ ବାହା ହେବା ପାଇଁ ଯୋଜନା କରୁଥିଲେ। ଏକଥା ଜାଣିବା ପରେ ମାଧବୀ ବିଚଳିତ ହୋଇପଡିଥିଲେ। ଏନେଇ ସେ ଭୁବନେଶ୍ୱର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଅଭିଯୋଗକୁ ଭିତ୍ତିକରି ଆଜି ଡାକ୍ତର ଦାସଗୁପ୍ତାଙ୍କୁ ଗିରଫ କରିଛି।

୧୯୬୮ ଜଣଙ୍କୁ ଠକେଇ ଅଭିଯୋଗରେ ଚିଟଫଣ୍ଡ ସଂସ୍ଥା ଏମଡି ଗିରଫ

ଭୁବନେଶ୍ୱର, ୧୮।୧୦(ପି.ଏନ): ଠକେଇ ଅଭିଯୋଗରେ ଚିଟଫଣ୍ଡ କମ୍ପାନୀ ଜିଟେକ୍ସ ଓସିନେର ପ୍ରାଇଭେଟ ଲିମିଟେଡ୍ ର ଏମଡି ଜୟଦୀପ ରାହାଙ୍କୁ ଗିରଫ କରିଛି କ୍ରାଇମବ୍ରାଂଚ ଇଓଡବ୍ଲ୍ୟୁ। ଦକ୍ଷିଣ ଚବିଶ ପ୍ରଗଣାର ଚିଫ ଜୁଡ଼ିଆସିଆଲ ଅଫିସ୍ ରଙ୍କ ପାଖରେ ହଜାର କରି ଆଜି ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଛି ଇଓଡ଼ବ୍ଲ୍ୟୁ। ୨୦୧୦ରୁ ୨୦୧୪ ମଧ୍ୟରେ ଓଡ଼ିଶାର ୧୯୬୮ ଜଣଙ୍କରାରୁ ଅଧିକ ସୁଧର ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ହଡ଼ପ କରିଥିବା ନେଇ ଇଓଡବ୍ଲୁ ନିକଟରେ ଅଭିଯୋଗ ହୋଇଥିଲା ।ଚିଟଫଣ୍ଡ କମ୍ପାନି ଆମ୍ବିସିୟସ ଡାଇଭର୍ସିଫାଏଡ଼ ପୋଜେକ୍ଟ ଲିମିଟେଡ଼ କମ୍ପାନି, କୋଲକାତା ଓଏକେ ଇଣ୍ଡିଆ ମଲଟିଷ୍ଟେଟ କ୍ରେଡିଟ କୋପରେଟିଭ ସୋସାଇଟି ନାମରେ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ଜଣା ପଡ଼ିଥିଲା ଉକ୍ତ କମ୍ପାନି ୨୦୧୧ ଓ ୨୦୧୨ରେ କୋଟିଏ ୮୩ ଲକ୍ଷ ଟଙ୍କା ଜିଟେକ୍ସ ଓସିନେର ପ୍ରାଇଭେଟ ଲିମିଟେଡକୁ ପଠାଇ ଦେଇଥିଲେ। ଏହାର ଡାଇରେକ୍ଟର ଜୟଦୀପ ରାହା ତଦନ୍ତ ବେଳେ ଇଓଡବ୍ଲୁକୁ ସନ୍ତୋଷଜନକ ଉତର ଦେଇପାରି ନଥିଲେ। ଏହି କମ୍ପାନି ନାଁରେ ପଶ୍ଚିମବଙ୍ଗରେ ବି ଠକେଇ ମାମଲା ରହିଛି। ପୂର୍ବରୁ ସଂସ୍ଥାର ୪ ମ୍ୟାନେଜିଂ ଡାଇରେକ୍ଟରଙ୍କୁ ଗିରଫ କରଯାଇଥିଲା।

ଓଏଏସ୍ ବଦଳି: ୪ ମେଡିକାଲ କଲେଜରେ ନୂଆ ପ୍ରଶାସନିକ ଅଫିସର

ଭୁବନେଶ୍ୱର,୧୮।୧୦(ପି.ଏନ): ରାଜ୍ୟ ସରକାର ଆଜି ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ଏକ ଅଦଳବଦଳ କରିଛନ୍ତି । ୪ଜଣ ମହିଳା ଓଏଏସ୍ ଅଫିସରଙ୍କୁ ୪ଟି ସରକାରୀ ମେଡିକାଲ କଲେଜର ପ୍ରଶାସନିକ ଅଫିସର ଭାବେ ନିଯୁକ୍ତି ମିଳିଛି । ପ୍ରଥମଥର ପାଇଁ ଚଳିତବର୍ଷଠୁ ପାଠପଢ଼ା ଆରମ୍ଭ ହେଉଥିବା ସୁନ୍ଦରଗଡ ଓ କେନ୍ଦୁଝର ମେଡିକାଲ କଲେଜରେ ମଧ୍ୟ ପ୍ରଶାସନିକ ଅଫିସରଙ୍କୁ ଅବସ୍ଥାପିତ କରାଯାଇଛି ।ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସ୍କୁଲ ଓ ଗଣଶିକ୍ଷା ବିଭାଗର ୨ଜଣ ଅତିରିକ୍ତ ସଚିବ ତଥା ବରିଷ୍ଠ ଓଏଏସ୍ ଧରମ ହାଂସଦା ଓ ବରିଷ୍ଠ ଓଏଏସ୍ ସମିତ କୁମାର ନାୟକଙ୍କୁ ଯଥାକ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ମହିଳା ଓ ଶିଶୁବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି ।ସେହିପରି ଓଏଏସ୍ ରୀତା ଡାଙ୍ଗଙ୍କୁ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଧିକାରୀ, କିଶନନଗର ତହସିଲଦାର ଇନ୍ଦିରା ସାହୁଙ୍କୁ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର, ସମ୍ବଲପୁର ଡେପୁଟି କଲେକ୍ଟର ଜୟଶ୍ରୀ ପାଢ଼ୀଙ୍କୁ ବଲାଙ୍ଗିରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର ଓ ଦେବଗଡ ତହସିଲଦାର ପଲ୍ଲବୀ ନାୟକଙ୍କୁ କେନ୍ଦୁଝର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର ଭାବେ ବଦଳି ହୋଇଛି। ଏମାନଙ୍କ ବ୍ୟତୀତ ଓଏଏସ୍ ଆଶୁତୋଷ ସାମଲଙ୍କୁ କଟକସ୍ଥିତ କେନ୍ଦ୍ରାଂଚଳ ଆରଡିସିଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଥିବା ଜଣାପଡିଛି ।

ସ୍ପେନ ଓ ଗ୍ୱାଟେମାଲାରେ ନିଯୁକ୍ତ ରାଷ୍ଟ୍ରଦୂତଙ୍କ ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ

ଭୁବନେଶ୍ୱର, ୧୮।୧୦(ପି.ଏନ): ସ୍ପେନ ଦେଶ ପାଇଁ ନିଯୁକ୍ତ ଭାରତୀୟ ରାଷ୍ଟ୍ରଦୂତ ଦିନେଶ କୁମାର ପଟ୍ଟନାୟକ ଏବଂ ଗ୍ୱାଟେମାଲା ପାଇଁ ନିଯୁକ୍ତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର ମଙ୍ଗଳବାର ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀ ପଟ୍ଟନାୟକ ୱାର୍ଲ୍ଡ ସ୍କିଲ ସେଂଟରକୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଓଡିଶା ସ୍କିଲର ହବ୍ ଅଟେ । କୌଣସି ଆଧୁନିକ ଅର୍ଥନୀତିର ବିକାଶରେ ଦକ୍ଷତା ବିକାଶ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏବଂ ଦେଶରେ ପ୍ରତିଭା ବିକାଶର ଏକ ହବ୍ ଭାବରେ ଓଡିଶାରେ ୱାର୍ଲ୍ଡ ସ୍କିଲ ସେଂଟର ବିକଶିତ ହେବା ଆଶ୍ଚର୍ଯ୍ୟଜନକ ଅଟେ ।ସେହିଭଳି ଶ୍ରୀ ମହାପାତ୍ର ୱାର୍ଲ୍ଡ ସ୍କିଲ ସେଂଟରର ଅତ୍ୟାଧୁନିକ ବୈଷୟିକ ତାଲିମ କେନ୍ଦ୍ର ଦେଖି ଖୁସି ବ୍ୟକ୍ତ କରିବା ସହ ପ୍ରକାଶ କରିଛନ୍ତି ଯେ ସିଙ୍ଗାପୁର ସରକାରଙ୍କ ସହଭାଗିତାରେ ଓଡ଼ିଶା ସରକାର ୱାର୍ଲ୍ଡ ସ୍କିଲ ସେଂଟରର ବିକାଶ କରିଛନ୍ତି, ଯାହା ଦକ୍ଷତା ବିକାଶ ନିମନ୍ତେ ରାଜ୍ୟ ପାଇଁ ପ୍ରକୃତରେ ଆବଶ୍ୟକ ଥିଲା। ରାଷ୍ଟ୍ରଦୂତ ୱାର୍ଲ୍ଡ ସ୍କିଲ ସେଂଟରରେ ତାଲିମ ନିମନ୍ତେ ଚୟନ ପ୍ରକ୍ରିୟା ବିଷୟରେ ପଚାରି ବୁଝିଥିଲେ। ଚଳିତ ବର୍ଷ ଆରମ୍ଭ ହୋଇଥିବା ବିୟୁଟି ୱେଲନେସ୍ ସ୍କା ଓ ହେୟାର ଫେସନ ଡିଜାଇନିଂ ପାଠ୍ୟକ୍ରମ ବିଷୟରେ ଅବଗତ ହୋଇ ସେମାନେ ଖୁସି ବ୍ୟକ୍ତ କରିଥିଲେ ଏବଂ କହିଥିଲେ ଯେ ଏହି ଦୁଇଟି ପାଠ୍ୟକ୍ରମରେ ତାଲିମ ନେବା ଫଳରେ ଅଧିକ ନିଯୁକ୍ତି ଏବଂ ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ। ୱାର୍ଲ୍ଡ ସ୍କିଲ ସେଂଟରର ସିଇଓ ରେଘୁ ଜି କହିଛନ୍ତି ଯେ ୧୩୪୨.୨ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଓଡିଶାର ସ୍କିଲ ଇକୋ ସିଷ୍ଟମ ପାଇଁ ଏକ ପ୍ରାଥମିକ ତାଲିମ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରୁଛି । ଏହା ଆଇଟିଆଇ ଓ ପଲିଟେକନିକ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅନୁଷ୍ଠାନ ଭାବେ ଭୂମିକା ଗ୍ରହଣ କରିବ ।ଅନ୍ୟମାନଙ୍କ ମଧ୍ୟରେ ପ୍ରିନ୍ସିପାଲ, ସଙ୍ଗରନ ଗୋପାଲ, ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକ, ଚିୟକ ଏଙ୍ଗ ଚୁନ୍, ଏକାଡେମୀ ନିର୍ଦ୍ଦେଶକ, ସୁପିହା ନାଗମଲ, ନିର୍ଦ୍ଦେଶକ, କେରୱିନ୍ ହିଙ୍ଗ ଓ ଜିଏମ୍, ସଞ୍ଜୟ ପାଢୀ ଉପସ୍ଥିତ ଥିଲେ ।

ଉତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣାରେ ମୃତକଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୮।୧୦(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଟୁଇଟ୍ କରିଛି; "ଉତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣା ପାଇଁ ଦୁଃଖିତ। ଏହି ଦୁଃଖଦ ସମୟରେ ମୋର ଚିନ୍ତାଧାରା ଶୋକସନ୍ତପ୍ତ ପରିବାର ସହିତ ଅଛି: ପ୍ରଧାନମନ୍ତ୍ରୀ ନରେନଦ୍ର ମୋଦୀ ।"

ପମ୍ପା ବାହାସ୍ଫୋଟ: ୧୦ ଗରିବ ରାଜ୍ୟରେ ଏବେବି ଓଡିଶା; ବିହାର ଓ ଝାଡଖଣ୍ଡଠୁ ବି ପଛରେ

ଭୁବନେଶ୍ୱର,୧୮।୧୦(ପି.ଏନ): ଗତ ଏକ ଦଶନ୍ଧି ଧରି ଓଡିଶାର ଆର୍ଥିକ ଅଭିବୃଦ୍ଧି ଜାତୀୟ ହାର ତୁଳନାରେ ଅଧିକ, ଦ୍ରୁତ ଗରିବ ହ୍ରାସ କରିବାରେ ଓଡିଶା ସବୁଠୁ ଆଗରେ ଆଦିର ବାହାସ୍ଫୋଟ ମାରି ବିକାଶର ଗୋଲାପୀ ଚିତ୍ର ଦେଉଥିବା ବିଜେଡି ସରକାରର ଅସଲ ମୁଖା ଖୋଲିଯାଇଛି । ଦୀର୍ଘ ୨୨ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ସ୍ଥିର ସରକାର ଥିଲେ ମଧ୍ୟ ଓଡିଶା ଏବେବି ଦେଶର ପ୍ରମୁଖ ୧୦ଟି ଗରିବ ରାଜ୍ୟ ମଧ୍ୟରେ ରହିଛି । ଝାଡଖଣ୍ଡ ଓ ବିହାର ଭଳି ରାଜ୍ୟରେ ଗରିବ ସଂଖ୍ୟା ହ୍ରାସ ଓଡିଶା ତୁଳନାରେ ବେଶ୍ ଭଲ ଥିବାବେଳେ ଗୋଆ, ଜାମ୍ମୁ କାଶ୍ମୀର, ଆନ୍ଧ୍ରପ୍ରଦେଶ, ଛତିଶଗଡ ଓ ରାଜସ୍ଥାନ ତୁଳନାରେ ବି ଓଡିଶା ଦାରିଦ୍ର ?ୟ ହ୍ରାସ ମାମଲାରେ ପଛରେ ରହିଛି । ଜାତିସଂଘର ୟୁଏନଡିପି ଓ ଅକ୍ସଫୋର୍ଡର ଓପିଏଚ୍‌ଆଇ ଦ୍ୱାରା ଜାରି ଗ୍ଲୋବାଲ ମଲଟିଡିମେନିସିଆଲ ପଭର୍ଟି ଇଣ୍ଡେକ୍ସ(ଏମପିଆଇ)-୨୦୨୨ ରିପୋର୍ଟରୁ ଏହା ଜଣାପଡିଛି । ଆଉ ଓଡିଶାରେ ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ବଳ, ଦକ୍ଷ ମାନବ ସମ୍ବଳ, ପ୍ରଗତିଶୀଳ ନୀତି ଓ ସ୍ଥିର ସରକାରର ଆଳ ଦେଖାଇ ନିବେଶକଙ୍କୁ ଆକୃଷ୍ଟ ପାଇଁ ଉଦ୍ୟମ କରୁଥିବା ରାଜ୍ୟ ସରକାରଙ୍କର ରାଜ୍ୟରୁ ଗରିବ ହ୍ରାସ କରିବାରେ ପାରିବାପଣିଆ ବି ପଦାରେ ପଡିଛି ।ଜାତିସଂଘ ପକ୍ଷରୁ ଗତକାଲି ଜାରି ଏମପିଆଇ-୨୦୨୨ ରିପୋର୍ଟ ଅନୁସାରେ, ୨୦୧୫-୧୬ରୁ ୨୦୧୯-୨୧ ମଧ୍ୟରେ ସମଗ୍ର ଦେଶରେ ଦ୍ରୁତ ଦାରିଦ୍ର ?ୟ ହ୍ରାସ କ୍ଷେତ୍ରରେ ଗୋଆ ଆଗରେ ରହିଛି । ତା'ପଛକୁ ଜାମ୍ମୁ କଶ୍ମୀର, ଆନ୍ଧ୍ରପ୍ରଦେଶ, ଛତିଶଗଡ ଓ ରାଜସ୍ଥାନ ଭଳି ରାଜ୍ୟ ରହିଛନ୍ତି । ମାତ୍ର ସେହି ତୁଳନାରେ ୧୦ଟି ଗରିବ ରାଜ୍ୟ ଏଭଳି ଗରିବ ହ୍ରାସ କରିବାରେ ସକ୍ଷମ ହୋଇପାରିନାହାନ୍ତି । ଏମପିଆଇର ରିପୋର୍ଟ ଅନୁସାରେ ୨୦୧୫-୧୬ରେ ଯେଉଁ ୧୦ଟି ରାଜ୍ୟ ଗରିବ ଥିଲେ ସେହି ତାଲିକାରୁ ୨୦୧୯-୨୧ରେ କେବଳ ପଶ୍ଚିମବଙ୍ଗ ବାଦ୍ ପଡିଛି । ଅନ୍ୟ ରାଜ୍ୟଗୁଡିକ ସେପରି ଦେଶର ୧୦ଟି ସର୍ବାଧିକ ଗରିବ ରାଜ୍ୟ ତାଲିକାରେ ରହିଛନ୍ତି । ସେମାନେ ହେଲେ ବିହାର, ଝାଡଖଣ୍ଡ, ମେଘାଳୟ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଆସାମ, ଓଡିଶା, ଛତିଶଗଡ ଓ ରାଜସ୍ଥାନ ରହିଛି ।ତେବେ ଏମପିଆଇ-୨୦୨୨ ରିପୋର୍ଟ ଅନୁସାରେ ବିହାର ଦାରିଦ୍ର ?ୟ ହ୍ରାସରେ ଉଲ୍ଲେଖନୀୟ ସଫଳତା ପାଇଛି । ବିହାରରେ ଦାରିଦ୍ର ?ୟ ହ୍ରାସ ପରିମାଣ ୨୦୦୫-୦୬ରେ ୭୭.୪୦% ଥିବାବେଳେ ଏହା ୨୦୧୫-୧୬ରେ ୨୫ ପ୍ରତିଶତ ହ୍ରାସ ପାଇ ୫୨.୪୦% ରହିଥିଲା । ମାତ୍ର ୨୦୧୯-୨୧ରେ ଏହା ଆଉ ୧୭.୭୦% ହ୍ରାସ ପାଇ ୩୪.୭୦ ପ୍ରତିଶତରେ ରହିଛି ।

ବଙ୍ଗୋପସାଗରରେ ବାତ୍ୟା ସମ୍ଭାବନା

ଭୁବନେଶ୍ୱର, ୧୮।୧୦(ପି.ଏନ): ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ବାତ୍ୟା । ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ୨୨ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତୀ ସମୟରେ ଏହା ଆହୁରି ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ବାତ୍ୟାର ରୂପ ନେବ ବୋଲି ଜଣାଯାଇଛି। ୨୨ ଅକ୍ଟୋବର ରୁ ପଶ୍ଚିମ-କେନ୍ଦ୍ରୀୟ ପାର୍ଶ୍ୱବର୍ତୀ ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳର ଗଭୀର ସମୁଦ୍ର ଭାଗରେ ଝଡ଼-ପବନ ଘଂଟା ପ୍ରତି ବେଗ ୪୫ ରୁ ୫୫ କିମି ସହ ସର୍ବାଧିକ ବା ଝଟକା ପବନ ୬୫ କିମି ଯାଏଁ ରହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ୨୨ ଅକ୍ଟୋବରରୁ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ଯିବାକୁ ମନା କରାଯାଇଛି। ସେହିପରି ସରକାରୀ କର୍ମଚାରୀମାନଙ୍କୁ ୨୩ରୁ ୨୫ ପର୍ଯ୍ୟନ୍ତ ହେଡକ୍ୱାର୍ଟର ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର ।ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ମହାନିର୍ଦ୍ଦେଶକ (ଡିଜି) ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ତତ୍‌ସଂଲଗ୍ନ ପଡ଼ୋଶୀ ଅଂଚଳ ଉପରେ ସୋମବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବର୍ତମାନ ଉତରରେ ଅବସ୍ଥିତ ରହିଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଂଟା ମଧ୍ୟରେ ଅଧିକ ଘନୀଭୂତ ହୋଇ ବଙ୍ଗୋପସାଗରର ଦକ୍ଷିଣ ପୂର୍ବ ଏବଂ ସଂଲଗ୍ନ ପୂର୍ବଦିଗରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତୀ ସମୟରେ ଲଘୁଚାପଟି ଅଧିକ ଘନୀଭୂତ ହେବା ସହ ଏହାର ତୀବ୍ରତା ବଢ଼ିବ ଏବଂ ଏହା କେନ୍ଦ୍ରୀୟ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଗତିକରିବ। ୨୧ ତାରଖରୁ ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଆରମ୍ଭ ହୋଇପରେ। ୨୨ କିମ୍ବା ୨୩ ତାରିଖ ବେଳକୁ ଲଘୁଚାପଟି ଏକ ସାମୁଦ୍ରିକ ବାତ୍ୟାରେ ପରିଣତ ହୋଇପାରେ। ତେବେ, ଲଘୁଚାପ ସୃଷ୍ଟି ହେବାପରେ ହିଁ ଯାଇ ଏସବୁର ଏକ ଆକଳନ କରିହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅକ୍ଟୋବର ମାସଟି ବଙ୍ଗୋପସାଗର ଓ ଓଡ଼ିଶା ପାଇଁ ବାତ୍ୟା ପ୍ରବଣ ମାସ। ତେବେ, ଏହାର ଅର୍ଥ ନୁହେଁ ଯେ ଅକ୍ଟୋବର ମାସରେ ସୃଷ୍ଟି ହେଉଥିବା ସବୁ ବାତ୍ୟା ଓଡ଼ିଶା ମୁହାଁ ବୋଲି କହିଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ।ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତକାଲିର ଘୂର୍ଣ୍ଣିବଳୟ ଆଜି ସକାଳ ସାଢ଼େ ୮ଟାରେ ପାଖାପାଖି ଉତର-ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିବା ସହ ବାୟୁମଣ୍ଡଳର ୫.୮ କିମି ଯାଏଁ ବ୍ୟାପିଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୪୮ ଘଂଟା ମଧ୍ୟରେ ଦକ୍ଷିଣ-ପୂର୍ବ ପାର୍ଶ୍ୱବର୍ତୀ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ରହିଛି। ଏହା ପରବର୍ତୀ ସମୟରେ ପଶ୍ଚିମ-ଉତରପଶ୍ଚିମ ଦିଗରେ ଗତି କରିବା ସହ ୨୨ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତୀ ସମୟରେ ଏହା ଆହୁରି ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ବାତ୍ୟାର ରୂପ ନେବ ବୋଲି ଜଣାଯାଇଛି ।ତେବେ ବାତ୍ୟା ହେଲେ ତାହା କେଉଁଠି ଲ୍ୟାଣ୍ଡଫଲ୍ କରିବ, ସେ ସମୟରେ ପବନର ବେଗ କେତେ ରହିବ ଏନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନି। ଆସନ୍ତା ୨୨ ତାରିଖରେ ଅବପାତ ହେବା ପରେ ବାତ୍ୟାର ଚିତ୍ର ସ୍ପଷ୍ଟ ହେବ । ତେଣୁ ୨୩ରୁ ୨୫ ପର୍ଯ୍ୟନ୍ତ କର୍

ଟି ଟାଇମ୍

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

ପୁରାଣ କାହାଣୀ

ପଣ୍ଡୁ ଓଷା

ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବ୍ୟେଦ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ,

ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ୍ଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଙ୍କା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରଓ୍ୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ

ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋଫାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ

ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍

ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ କରିଥାଏ ଗଣମାଧ୍ୟମ

ଖୋର୍ଦ୍ଧା (ପିଏନ୍): ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ ଓ ସୁରକ୍ଷିତ କରି ରଖିବାରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି "ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ" ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଭାପତିତ୍ୱ କରି 'ମାର୍ଗଦର୍ଶୀ'ର ସମ୍ପାଦକ ତଥା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ। ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ପ୍ରତିଷ୍ଠାତା ରାମଶଙ୍କର ତାଙ୍କ ସ୍ୱାଗତ ଭାଷଣରେ ଆଲୋଚନାର ବିଷୟ ବସ୍ତୁ 'ଗଣମାଧ୍ୟମରେ ପ୍ରକାଶିତ ଜନସମସ୍ୟାର ଜନସାଧାରଣ, ସରକାର, ପ୍ରଶାସନ ତଥା ଜନପ୍ରତିନିଧିଙ୍କ ଉପରେ କି ପ୍ରଭାବ ପଡୁଛି ଏବଂ ତାହା କେତେଦୂର କାର୍ଯ୍ୟକାରୀ ହେବାସହ ଜନସମସ୍ୟାର ସମାଧାନ ହେଉଛି ବୋଲି ଏକ ମାର୍ମିକ ପ୍ରଶ୍ନ ରଖିଥିଲେ। ଏହି ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗଦେଇ ବି.ଡି.ଏ.ର ପ୍ରାକ୍ତନ କମିଶନର ଦେବରାଜ ସେନାପତି ନିଜର ବକ୍ତବ୍ୟରେ କହିଥିଲେ ଗଣମାଧ୍ୟମରେ ପ୍ରକାଶିତ ଖବରର ପ୍ରଭାବ ନିଶ୍ଚୟ ପଡୁଛି ମାତ୍ର ତାହା ଅନେକାଂଶରେ ହ୍ରାସ ପାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ଡକ୍ଟର ନାରାୟଣ ରାଓ ନିଜ ବକ୍ତବ୍ୟରେ କହିଥିଲେ ସାମ୍ବାଦିକତା ହିଁ ଏକମାତ୍ର ଅସ୍ତ୍ର ଯାହା ସମାଜରେ ସଂସ୍କାର ଆଣିବା ପାଇଁ ସକ୍ଷମ। ଓକିଲ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର ସରକାରଙ୍କର ଅପାରଗତା ଓ ଜନପ୍ରତିନିଧିମାନଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର କହିଥିଲେ ନିର୍ଦ୍ଦିଷ୍ଟ ସଂସ୍ଥାର ମାଲିକ ମାନଙ୍କର ସରକାରଙ୍କ ସହ ମଧୁଚନ୍ଦ୍ରିକା ଯୋଗୁ ଆଜି ଗଣମାଧ୍ୟମ ବିପନ୍ନ। ଏହି ଆଲୋଚନାଚକ୍ରରେ 'ସମାଜ' ପ୍ରତିନିଧି ରାମନାରାୟଣ ଦାଶ କହିଥିଲେ ଆଜି ଖବରକାଗଜ ବିଜ୍ଞାପନସର୍ବସ୍ୱ ହୋଇଯାଇଛି। ଏହାସତ୍ତ୍ୱେ ଗଣମାଧ୍ୟମରେ ପ୍ରସାରିତ ସକାରାତ୍ମକ ଖବରର ପ୍ରଭାବ ନିଶ୍ଚୟ ରହିଛି। ନାତୁଣୀର ସମ୍ବାଦ ପ୍ରତିନିଧି ପ୍ରଦୋଶ ଦାସ କହିଥିଲେ ସକାରାତ୍ମକ ଖବର ପରିବେଷଣ ପାଇଁ ପ୍ରତ୍ୟେକ ସାମ୍ବାଦିକ ଯତ୍ନବାନ ହେବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ରାଜକିଶୋର ପାଣିଗ୍ରାହୀ, ଐତିହାସିକ ସତ୍ୟବାଦୀ ବଳିୟାର ସିଂହ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୁଧୀର ମାନସିଂ, ରାଜଧାନୀ ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା , ବରିଷ୍ଠ ନାଗରିକ ମଂଚର ଉପସଭାପତି ବୈକୁଂଠ ମହାପାତ୍ର, ସାମ୍ବାଦିକ ଦିଲ୍ଲିପ ପଟ୍ଟନାୟକ, ଡିଏସଓର ସମ୍ପାଦକ ଜୟନ୍ତ ମହାନ୍ତି, ଅଧିବକ୍ତା ବସନ୍ତ ଦାସ, ଆମରି ସତ୍ୟର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସାମ୍ବାଦିକ ପ୍ରଦୋଷ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ରାମଶଙ୍କର ଖୋର୍ଦ୍ଧା ପୌର ପରିଷଦ ଦ୍ୱାରା ଖୋରଧାବାସୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଦାବୀରେ ଜନତାଙ୍କ ସ୍ୱର ଉତ୍ତୋଳନ ପାଇଁ ଦଳମତ ନିର୍ବିଶେଷରେ ଏକଜୁଟ ହେବାପାଇଁ ଆହ୍ୱାନ ଦେବାସହ ଧନ୍ୟବାଦ ପ୍ରଦାନ କରିଥିଲେ।

ବକେୟା ରାସନ ସାମଗ୍ରୀ ଦେବାକୁ ଦାବି

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଏଣ୍ଡଳବା ପଞ୍ଚାୟତ ପାଟପୁର ଗାଁର ୪ ପରିବାରକୁ ବକେୟା ରାସନ ସାମଗ୍ରୀ ଦେବାକୁ ଦାବି ହୋଇଛି । ରାଜୀବ ଚରଣ ବେହେରା, ଘନଶ୍ୟାମ ବେହେରା, ବାଲୁଙ୍କେଶ୍ୱର ପ୍ରଧାନ ଓ କଣ୍ଟେଇ ବେହେରା ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକାଶ ଯେ, ପାଟପୁର ଗାଁର ରାଜୀବଙ୍କ ପତ୍ନୀ କନକ ବେହେରାଙ୍କ ନାଁରେ ଥିବା ରାସନ କାର୍ଡ଼ରେ ତାଙ୍କ ପରିବାରର ୪ ଜଣଙ୍କୁ ରାସନ ସାମଗ୍ରୀ ମିଳୁଥିଲା । ତେବେ ରାଜନୈତିକ ଆକ୍ରୋଶରୁ ୨୦୧୭ ଅଗଷ୍ଟ ମାସରୁ ସେମାନଙ୍କ ରାସନ ହଠାତ୍ ବନ୍ଦ କରି ଦିଆଯାଇଥିଲା । ଏହାକୁ ନେଇ ବାଦବିବାଦ ଓ କୋର୍ଟରେ ମାମଲା ହେବାପରେ ୨୦୧୮ ଜୁଲାଇ ମାସରେ ଏହି ପରିବାରକୁ ପୁଣି ରାସନ ସାମଗ୍ରୀ ଦିଆ ଯାଇଥିଲା । ଏହି ସମୟ ମଧ୍ୟରେ କନକଙ୍କ ପରିବାର ୧୧ ମାସର ରାସନ ପାଇନଥିଲେ । ଏହା ସତ୍ତ୍ୱେ ୨୦୧୯ ନଭେମ୍ବର ମାସରେ ଉକ୍ତ ପରିବାରର ରାସନ ପୁଣି ବନ୍ଦ ହୋଇଗଲା । ୧୫ ମାସ ରାସନ ପାଇବା ପରେ ପୁନର୍ବାର ବନ୍ଦ ହୋଇଯିବାକୁ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଅଙ୍ଗୁଳି ଉଠାଇଥିଲେ ହିତାଧିକାରୀ କନକଙ୍କ ପରିବାର । ଖୋଳତାଡ଼ ହେବାପରେ ୨୦୨୦ ମଇ ମାସରେ ପୁଣି ରାସନ ଦିଆଯାଇଥିଲା । ଏହି ସମୟ ମଧ୍ୟରେ ଆଉ ୬ ମାସର ରାସନ ମିଳିନଥିଲା । ଦୁଇଟି ପର୍ଯ୍ୟାୟରେ ୧୭ ମାସର ରାସନ ମିଳିନଥିଲା କନକଙ୍କ ପରିବାରକୁ । ଏ ନେଇ କନକଙ୍କ ସ୍ୱାମୀ, ଦୁଇପୁଅ ବିଷ୍ଣୁ ଓ ଆନନ୍ଦ ବାରମ୍ବାର ଡିଲର, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଓ ଯୋଗାଣ ନିରୀକ୍ଷକଙ୍କୁ ବାରମ୍ବାର ଅବଗତ କରୁଥିଲେ ମଧ୍ୟ ଅଢ଼େଇ ବର୍ଷ ହେଲା ରାସନ ସାମଗ୍ରୀ ମିଳୁନାହିଁ । ସେହିପରି ଏହି ଗ୍ରାମର ରୁଲତା ବେହେରାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ୧୩ ମାସର ରାସନ ମିଳିନଥିବା ତାଙ୍କ ସ୍ୱାମୀ ଘନଶ୍ୟାମ ଅଭିଯୋଗ କରିଛନ୍ତି । ଏଥିସହ ନୀଳେନ୍ଦ୍ର ପ୍ରଧାନଙ୍କ ପରିବାରର ୪ଜଣ ସଦସ୍ୟ ୬ ମାସର ରାସନ ପାଇ ନଥିବା ତାଙ୍କ ସ୍ୱାମୀ ବାଲୁଙ୍କେଶ୍ୱର ସୂଚନା ଦେଇଛନ୍ତି । ସେମିତି କଣ୍ଟେଇ ବେହେରାଙ୍କ ପରିବାରର ୬ଜଣ ସଦସ୍ୟଙ୍କ ମଧ୍ୟରୁ ୩ଜଣଙ୍କ ରାସନ ସାମଗ୍ରୀ ୨୦୧୯ରୁ ବନ୍ଦ ହୋଇ ଯାଇଥିବା କୁହାଯାଇଛି । ତୁରନ୍ତ ସଂପୃକ୍ତ ୪ ପରିବାରକୁ ବକେୟା ରାସନ ସାମଗ୍ରୀ ପ୍ରଦାନ କରିବାକୁ ନୂତନ ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ପଦକ୍ଷେପ ନେବାକୁ ଦାବି ହୋଇଛି ।

ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ବାଲେଶ୍ୱର (ପିଏନ୍)-ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ଏହି ଦିନକୁ ସେବା ଦିବସ ରୂପେ ପାଳନ କରାଯାଇଛି। ସକାଳ ୭ ଘଟିକାରେ ଝାଡ଼େଶ୍ୱର ମନ୍ଦିରରେ ୧୦୮ ଜଳାଭିଷେକ କରାଯାଇ ନବୀନବାବୁଙ୍କ ପାଇଁ ସାମୂହିକ ପୂଜାର୍ଚ୍ଚନା କରାଯିବା ପରେ କଚେରୀ ହତାକୁ ବିଜୁ ଜନତା ଦଳର କର୍ମୀ ମାନେ ସଫେଇ କରିଥିଲେ। ଏହାପରେ ମିସନ ପଡ଼ିଆରେ ଥିବା ଖ୍ରୀଷ୍ଟିଆନ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିସହିତ ରେମୁଣା ଗୋଲାଇ ସ୍ଥିତ ଗୁରୁଦ୍ୱାରରେ ପୂଜାର୍ଚ୍ଚନା କରାଯିବା ସହ ବାଲେଶ୍ୱର ରାଣୀପାଟଣାରେ ଥିବା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ଅନ୍ତେବାସୀଙ୍କ ସହ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନକୁ କେକ୍ କାଟି ପାଳନ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାପରେ ସୁନହଟରେ ଥିବା ଭୁଜାଖିଆ ପୀରବାବା ଏବଂ କେଥଲିକ ଚର୍ଚ୍ଚରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସଦର ବିଧାୟକଙ୍କ ସହ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଟାଉନ ସଭାପତି ସନତ ଦାସ, ବରିଷ୍ଠ ନେତା ରଂଜନ ବାଗ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗଉରୀ ରାଉତ, ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ସୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ମହିଳା ସଂପାଦିକା ଦୀପାରାଣୀ ସାହୁ, ରାଜ୍ୟ ଯୁଗ୍ମ ସଂପାଦକ ସତ୍ୟରଞ୍ଜନ ଦାସ, ବରିଷ୍ଠ ନେତା ଯଯାତୀ ଦାସ, କାଉନସିଲର ମୀତା ପଟ୍ଟନାୟକ, କବିତା ମୁର୍ମୁ, ମୀରାଜ ବାନୋ, ପ୍ରତିଲତା ସେଠୀ, ରାଧାକୃଷ୍ଣ ଦାସ, ସନ୍ଧ୍ୟାରାଣୀ ଜେନା, ଅର୍ପିତା ପ୍ରିୟଦର୍ଶନୀ, ଶଶିରେଖା ମହାନ୍ତି, ସେକ୍ ଆୟୁବ, ପଦ୍ମଲୋଚନ ଲେଙ୍କା, ପୂର୍ବତନ କାଉନସିଲର ବିଶ୍ୱଜିତ୍ ମହାପାତ୍ର, ସାକିର ଖାନ୍, ସଞ୍ଜୟ ବେହେରା, ସେକ୍ ରାଜୁ, ଧନଞ୍ଜୟ ଜେନା, ଜୋନାଲ ଯୁବ ସାଧାରଣ ସଂପାଦକ ଧିରେନ ନାୟକ, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ୍ ଅନସର, ଟାଉନ ଯୁବ ସଭାପତି ଉମାଶଂକର ତିଆଡ଼ି ଓ ଛାତ୍ରନେତା ବିଭୁଦତ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ୱାର୍ଡ ସଭ୍ୟସଭ୍ୟାଙ୍କ ପ୍ରଶିକ୍ଷଣ ଶିବିର

ଧର୍ମଶାଳା (ପିଏନ୍): ୱାର୍ଡ ସଭ୍ୟ/ସଭ୍ୟମାନେ ହେଉଛନ୍ତି ପଂଚାୟତିରାଜ ବ୍ୟବସ୍ଥାର ତୃଣମୂଳ ପ୍ରତିନିଧି । ସେମାନଙ୍କର ସକ୍ରିୟ ଯୋଗଦାନ ଯୋଗୁ ପଂଚାୟତିରାଜ ବ୍ୟବସ୍ଥା ସଶକ୍ତ ହୋଇଥାଏ । ୱାର୍ଡ/ସଭ୍ୟ/ସଭ୍ୟାମାନଙ୍କ ଦକ୍ଷତା ବୃଦ୍ଧିକୁ ଲକ୍ଷ୍ୟ କରି ରାଜ୍ୟ ଗ୍ରାମଉନ୍ନୟନ, ପଂଚାୟତିରାଜ, ଜିଲ୍ଲାପରିଷଦ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲିଶ୍ରୀର ମିଳିତ ଉଦ୍ୟମରେ ନବନିର୍ବାଚିତ ୱାର୍ଡ ସଭ୍ୟମାନଙ୍କୁ ନେଇ ଏକ ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଧର୍ମଶାଳା ବ୍ଲକର ଜାରକା, କୁମାରୀ, ଚହଟା ଓ ସୁନ୍ଦରିଆ ଗ୍ରାମପଂଚାୟତର ୪୩ ଜଣ ସଭ୍ୟ/ସଭ୍ୟା ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ । ଜାରକାସ୍ଥିତ ପ୍ରୟାଗ ମଣ୍ଡପରେ ଆୟୋଜିତ ଏହି ଶିବିରକୁ ଧର୍ମଶାଳା ପଂଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ । ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ଧଳ, ଏବିଡିଓ ଅସିତ କୁମାର ପାତ୍ର, ଏପିଓ ପ୍ରଜ୍ଞାପରମିତା ସାମଲ, ତାଲିମଦାତା ଦେବଦତ ସାହୁ, ପବିତ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ୫-ଟି ଓ ମୋ ସରକାର ପ୍ରୟାସ ଜରିଆରେ ପଂଚାୟତିରାଜ ବ୍ୟବସ୍ଥା ସମ୍ଭବ ବୋଲି କହିଥିଲେ । ପଲ୍ଲିଶ୍ରୀର ସମ୍ପାଦକ ଶତ୍ରୁଘ୍ନ ସାହୁ, ସଂଯୋଜକ ଅଭିଷେକ ପଣ୍ଡା ଓ ସୁନାକର ସାହୁ ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିଥିଲେ । ପର୍ଯ୍ୟାୟକ୍ରମେ ଧର୍ମଶାଳା ନିର୍ବାଚନ ମଣ୍ଡଳିର ୬୩୭ ୱାର୍ଡସଭ୍ୟ/ସଭ୍ୟାମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ପଲ୍ଲିଶ୍ରୀ ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

ବାଇଶି ପାହାଚେ ପିଣ୍ଡଦାନର ତାତ୍ପର୍ଯ୍ୟ

ବାଇଶି ପାହାଚ କହିଲେ ଶ୍ରୀମନ୍ଦିରର ସିଂହଦ୍ୱାରସ୍ଥ ମୂଳଶାଳାର ମେଘନାଦ ପାଚେରୀ ଠାରୁ ଦ୍ୱିତୀୟ ବେଢ଼ା ଅର୍ଥାତ୍ କୁର୍ମବେଢ଼ାଯାଏଁ ପାହାଚ ଶ୍ରେଣୀକୁ ବୁଝାଏ। ବାସ୍ତବିକ୍ ଏମିତି ଗଣନାରେ ପୂର୍ବରୁ ପଶ୍ଚିମକୁ କୁର୍ମ ବେଢ଼ାଯାଏ ମାତ୍ର କୋଡ଼ିଏ ଗୋଟି ପାହାଚ ଅଛି। ବାକି ଦୁଇଟି ପାହାଚରୁ ଗୋଟିଏ ପାହାଚ ଆନନ୍ଦ ବଜାରକୁ ଏବଂ ଅନ୍ୟଟି ରୋଷେଇ ଶାଳକୁ। ଏମିତିରେ ଏମାନେ ବାଇଶି ॥

କେତେକ ମତ ସାବ୍ୟସ୍ତ କରନ୍ତି ଯେ ମୂଳମନ୍ଦିରର କୂର୍ମବେଢ଼ାରେ ବାହାରେ ଥିବାରୁ ଏହାର ନାମଥିଲା ବହିଃସ୍ଥ ପାବଛ। ଏହାପରେ ଅପଭ୍ରଂଶ ହୋଇ 'ବହିଃସ୍ଥରୁ ବାଇଶି ଓ ପାବଛରୁ ପାହାଚ' ହୋଇଛି। ଯେଉଁମାନେ ଯୁକ୍ତି ଦର୍ଶାଇ କୁହନ୍ତି ଯେ ଏହା ମିଥ୍ୟା ବାଇଶି ହିଁ ସତ୍ୟ, ସେମାନେ କୁହନ୍ତି ଯେ କେତେକ ବିଷୟବସ୍ତୁକୁ ଆଧାରକରି ଏହା ବାଇଶି। ଯେମିତି ୨୨ ଅଧିଷ୍ଠାତ୍ରୀ ଦେବୀମାନଙ୍କୁ ନେଇ ଏହା ବାଇଶି ଯଥା - ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କ୍ରାନ୍ତି, ବୃତ୍ତି, ସ୍ଥିତି, ଦୟା, ତୁଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା ଇତ୍ୟାଦି ସମାହାରର ପ୍ରତୀକ ବାଇଶି। ଆଉ କାହା ମତରେ ଏହା ଚତୁର୍ଦଶ ଭୁବନ ଓ ଅଷ୍ଟବୈକୁଣ୍ଠର ସମାହାରକୁ ପ୍ରତିନିଧିତ୍ୱ କରନ୍ତି; ଆଉ କେହି କୁହନ୍ତି ଯେ ଏହା ଭାଗବତର ଦ୍ୱାଦଶ ସ୍କନ୍ଦ ସହ ଦଶତତ୍ତ୍ୱ ଯଥା ବାସୁଦେବ, ନୃସିଂହ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଗୋବିନ୍ଦ, ନାରାୟଣ, ମଦନମୋହନ, ବିମଳା ଓ ଭୁବନେଶ୍ୱରୀଙ୍କ ସମାହାରର ପ୍ରତୀକ; କେହିବି ଯୁକ୍ତି ରଖନ୍ତି ଯେ ଏହା ପଞ୍ଚରତ୍ନ, ଅଷ୍ଟସାତ୍ତ୍ୱିକ ଭାବ, ତ୍ରୀବୀଜ, ତ୍ରିଶକ୍ତି, ତ୍ରିଗୁଣର ସମାହାର ଅଟନ୍ତି; ପୁନଶ୍ଚ ଯୁକ୍ତି ଯେ କୃଷ୍ଣଚନ୍ଦ୍ର ସୁଆରଶ୍ରେଣୀ ୨୨ହେତୁ ତାଙ୍କୁ ପ୍ରତିନିଧିତ୍ୱ କରେ ୨୨ ପାହାଚ; ଏମିତିରେ ୨୨ଟି ବଡ଼ ଯଥା ବଡ଼ ଦେଉଳ, ବଡ଼ ଠାକୁର, ବଡ଼ ଦାଣ୍ଡ, ବଡ଼ ପଣ୍ଡା, ବଡ଼ ଭୋଗ (ମହାପ୍ରସାଦ), ବଡ଼ ପାବଛ ଇତ୍ୟାଦିକୁ ନେଇ ୨୨ ପାହାଚ ପ୍ରତିନିଧିତ୍ୱକୁ ବୁଝାନ୍ତି। ତେବେ ବହିଃସ୍ଥ ପାବଛ ହେଉ ବା ବାଇଶିପାହାଚ ହେଉ, ଯିଏ ଯେମିତି ସିଦ୍ଧାନ୍ତ ଟାଣିବାକୁ ଚେଷ୍ଟା କରିଛି, ତାହା ଠିକ୍ ହେଉ ବା ଭୁଲ ଥାଉ ଏବେକୁ ଏହା ବାଇଶି ପାହାଚ ଠିକ୍।

ଶ୍ରୀକ୍ଷେତ୍ରର ଐତିହ୍ୟ, ପରମ୍ପରା ଓ ଧାର୍ମିକ ବିଶ୍ୱାସରେ ଏ ପାହାଚଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ।

ଏସ୍ଥାନ ପାବନ - ପବତ୍ରର ପ୍ରତୀକ, କାରଣ ଏଇଠି ଅଛି ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଓ ଅଷ୍ଟ ବୈକୁଣ୍ଠ। ଏହା ମହତ୍ତ୍ୱ ବ୍ୟାଖ୍ୟାନ କରିବାକୁ ଯାଇ ବଳରାମ ଦାସ ଗୁପ୍ତ ଗୀତାରେ ଲେଖିଛନ୍ତି:

"ବାଇଶି ପାବଛେ ବୀର, ରହସ୍ୟ ସ୍ଥଳ ନାମତାର।
ଏହାଯେ ବାଇଶି ପାବଛ, ଅଠର କୋଟି ଶିବ ଲୋକ।
ରହିଅଛନ୍ତି ପୃଷ୍ଠ ଭାଗେ, ତାଙ୍କୁ କହିବି ତୋର ଆଗେ॥"

ଏହା ଏକ ପବିତ୍ର ସ୍ଥାନ ନିଶ୍ଚୟ କାରଣ ଏହାରି ଉପର ଦେଇ ଜୀଉମାନଙ୍କର ଶ୍ରୀଗୁଣ୍ଡିଚା ଓ ବାହୁଡ଼ାଯାତ୍ରାର ପହଣ୍ଡି ବେଳେ ପଦସ୍ପର୍ଶ ହୁଏ। ଏହି ସମୟରେ ଏହାର ଉପରେ ଉପସ୍ଥିତ ହୋଇ ସର୍ବ ଦେବାଦେବୀମାନେ ଏ ଦୃଶ୍ୟ ଅବଲୋକନ କରନ୍ତି। ପୁନଶ୍ଚ ଏହାର ଚତୁଃପାର୍ଶ୍ୱରେ ବହୁ ଦେବଦେବୀମାନଙ୍କର ବିଜେ ହୋଇଛି। ମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲାବେଳେ ୩ୟ ପାହାଚର ବାମପଟେ ବିଜେ କରିଛନ୍ତି ଶ୍ରୀ କାଶୀବିଶ୍ୱନାଥ। କାହାଣୀ କୁହେ ଏକଦା ଏକ ବୃଦ୍ଧା କୁମ୍ଭାରୁଣୀ କାଶୀ ଯାଇ ଗଙ୍ଗାସ୍ନାନ କରି କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବାକୁ ଅଭିଳାଷ ପୋଷଣ କରନ୍ତେ ଶ୍ରୀ ଜଗନ୍ନାଥ ତାଙ୍କୁ ସ୍ୱପ୍ନରେ କହିଲେ ଯେ ସେ ସେହି ବାଇଶି ପାହାଚର ୩ୟ ପାହାଚରେ ଆସନ୍ତାକାଲି ଉପବେଶନ ଥିବା ସନ୍ନ୍ୟାସୀଙ୍କ ଠାରୁ ପ୍ରସାଦ ପାଉ। ସେଠି ଥିବା କାଶୀ ବିଶ୍ୱନାଥ ଚରଣାମୃତ ପାଉ। ତାର ଗଙ୍ଗାଯିବା ଦରକାର ନାହିଁ। ଗଙ୍ଗାତ ବିଷ୍ଣୁଙ୍କ ଚରଣରୁ ସୃଷ୍ଟି। ସେ ଏଇଠି ଅଛନ୍ତି। ଶ୍ରୀ ଜଗନ୍ନାଥ ବ୍ରାହ୍ମଣ ସନ୍ୟାସ ବେଶରେ ସେଠି ତା' ପରଦିନ ଉପସ୍ଥିତ ଥିଲେ। ସେ ବୃଦ୍ଧା ତାଙ୍କୁ ଦର୍ଶନ କଲା ଓ ତାଙ୍କଠୁ ପ୍ରସାଦପାଇ ଗଙ୍ଗାସ୍ନାନ ଓ କାଶୀ ବିଶ୍ୱନାଥଙ୍କର ଦର୍ଶନର ଫଳ ପାଇଲା। ଶାସ୍ତ୍ରମତେ : ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ।

ଦ୍ୱିତୀୟ କାରଣଟି ହେଲା ଶ୍ରୀ କାଶୀବିଶ୍ୱନାଥ କାଶୀର ରାଜା ତ୍ରିବିକ୍ରମଦେବଙ୍କୁ ବର ଦେଇଥିବାରୁ ସେ ନିଜକୁ ବାସୁଦେବ ଶ୍ରୀକୃଷ୍ଣ ବୋଲି ପରିଚିତ କରାଇଥିଲେ। ଏଥିରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କ୍ରୁଧ ହୋଇ ରାଜା ତ୍ରିବିକ୍ରମର ଶିର ସୁଦର୍ଶନ ଚକ୍ର ପଠାଇ ଛେଦନ କରିଥିଲେ ଏବଂ କାଶୀ ବିଶ୍ୱନାଥ ତାକୁ ଏ ବର ଦେଇଥିବାରୁ ତାଙ୍କୁ ଏକ ଅଭିଷାପ ସ୍ୱରୂପ ମନ୍ଦିରର ଭିତର ପ୍ରାଙ୍ଗଣେ ସ୍ଥାନ ନଦେଇ ବାଇଶି ପାହାଚରେ ପାର୍ଶ୍ୱ ଦେବତାଭାବେ ସ୍ଥାନ ଦେଇଥିଲେ। ଶାସ୍ତ୍ରରେ ଲେଖାଅଛି

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୧୯

ଏକାଗ୍ରତା

ଜୀବନରେ ସଫଳତା ପ୍ରାପ୍ତି ପାଇଁ ଏକାଗ୍ରତା ସାଧନା ପଥରେ ଅପରିହାର୍ଯ୍ୟ। ମନକୁ ନ ମାରିବା ଯାଏଁ ଏକାଗ୍ରତା ମିଳିପାରି ନଥାଏ। ମନକୁ ମାରିବା ଅର୍ଥ ଦେହ ଅଭିମାନକୁ ଭସ୍ମ କରିଦେବା। ଇନ୍ଦ୍ରିୟମାନଙ୍କ ସମେତ ସମଗ୍ର ଶରୀର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଜାରି କରିପାରିବା, ସେତେବେଳେ ହିଁ ଜଣେ ନିଜ ମନ ଉପରେ ବିଜୟ ହାସଲ କରିପାରେ ବା ମନକୁ ଜିତିପାରେ ଯେତେବେଳେ ମନର କୌଣସି ଗୋଟିଏ ହେଲେ ଇଚ୍ଛାକୁ ସେ ପୂରଣ କରି ନଥାଏ। ମନ ଆମର କ୍ରୀତଦାସ ଭଳି। ଆମର ନିର୍ଦ୍ଦେଶ ବା ଆଦେଶକୁ ଇନ୍ଦ୍ରିୟମାନଙ୍କ ସହାୟତାରେ ପାଳନ କରିବା ହିଁ ତାର କାମ। ମାତ୍ର ଅଧିକାଂଶ ସମୟରେ ଜୀବମାନେ ପଞ୍ଚ ବିକାରର ବଶବର୍ତ୍ତୀ ହୋଇ ମନକୁ କ୍ରୀତଦାସ ଆସନରୁ (ଚରଣ ପାଖରୁ) ଉଠେଇ ଆଣି ଶୀର୍ଷାସନରେ ବସାଇ ଦେଇଥାନ୍ତି। ଯଦ୍ୱାରା ପରବର୍ତ୍ତୀ ସମୟରେ ଲଗାମ ଲଗାଇବାକୁ ଚେଷ୍ଟା କଲାବେଳେ ସିଏ ଆଉ ସହଜରେ ବୋଲ ମାନି ନଥାଏ। ସେଥିପାଇଁ କୁହାଯାଇଛି–

''ରାଜ୍ୟ ଜିଣିଲେ ରାଜା ଲଭଇ ଖ୍ୟାତି।
ବୀର ସମର ଜିଣି ରଖେ କୀରତି।
ନିଜ ହୃଦୟ ଯେହୁ ପାରଇ ଜିଣି।
ସଂସାରେ ସେହି ବୀର ମଉଡ଼ମଣି।''

ସ୍ୱଭାବରେ ଅତି ଚଞ୍ଚଳରୂପୀ ଏହି ମନ ରୂପକ ଏକାଦଶ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିବା ପାଇଁ ଏକାଗ୍ରତା ଆବଶ୍ୟକ। ଏହି ଏକାଗ୍ରତା ସମ୍ବନ୍ଧରେ ପଢ଼ିଥିବା ଗଳ୍ପଟିଏ ଏଠାରେ ଉପସ୍ଥାପନ କରୁଛି। ରାମୁ ନାମରେ ବାଳକଟିଏ। ବୟସ ଦଶ/ବାର ବର୍ଷ ହେବ। ପିଲାଟି ଦିନରୁ ପାଠଶାଠ ପଢ଼ିଲାନି। ସକାଳୁ ସକାଳୁ ପଖାଳ ଗଣ୍ଡାଏ ଠୁଙ୍କି ଦେଇ, ଗାଁ ଗୋଟିକର ଗାଈମାନଙ୍କୁ ନେଇ ତୋଟାମାଳରେ ବୁଲେ, ଗାଈ ଜଗେ, ସନ୍ଧ୍ୟା ବେଳକୁ ଘରକୁ ଫେରେ। ଦିନକର କଥା। ସୂର୍ଯ୍ୟ ଅସ୍ତମିତ ହେବାର ସମୟ। ଦଳକୁ ଦଳ ପକ୍ଷୀ କିଚିରିମିଚିରି ଶବ୍ଦ କରି ବସାକୁ ବାହୁଡ଼ିବାର ବେଳ। ରାମୁ ଆମ୍ବତୋଟାର ଗୋଟିଏ ଆମ୍ବଡାଳରେ ଗୋଡ଼କୁ ଲମ୍ବେଇ ଦେଇ ବସିଛି। ସୁଲୁସୁଲିଆ ପବନ ବୋହୁଛି। ପ୍ରକୃତିର ଏପରି ମନୋରମ ଦୃଶ୍ୟରେ ତାର ମନ ପ୍ରାଣ ସତେ ଯେପରି ଆନନ୍ଦରେ ପୂରିଯାଉଛି। ଅତି ଖୁସିରେ ଉଲ୍ଲସିତ ହୋଇ ସେ ଗୀତ ବୋଲୁଛି, "କଳା କଳେବର କହ୍ନେଇ....ସଙ୍ଗେ ରୋହିଣୀ ସୁତ। କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ।" ହଠାତ୍ ରାମୁ ଦେଖିବାକୁ ପାଇଲା, ଆମ୍ବ ତୋଟାର ଅନତି ଦୂରରେ ବହି ଯାଉଥିବା ଏକ କ୍ଷୁଦ୍ର ନଦୀରେ ସାଧୁ ଜଣେ ସ୍ନାନ ସମାପନ କରି ଅସ୍ତ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଅଳ୍ପ ପାଣିରେ ଗୋଟିଏ ଗୋଡ଼ରେ ଠିଆ ହୋଇଛନ୍ତି। ବାମ ଗୋଡ଼ଟି ଡାହାଣ ଗୋଡ଼ରେ ଆଣ୍ଠୁ ଉପରକୁ ରଖିଛନ୍ତି। ବାମ ହସ୍ତର ଦୁଇ ଆଙ୍ଗୁଠି ମାଧ୍ୟମରେ ନାକର ଦୁଇ ପୁଡ଼ାକୁ ଚିପି ଧରିଛନ୍ତି। ଚକ୍ଷୁ ଯୁଗଳ ମୁଦ୍ରିତ ଅଛି। ରାମୁ ଦେଖିଲା ସାଧୁ ଏପରି ପ୍ରାୟ ଦୁଇ/ତିନି ମିନିଟ୍ କରିସାରି ଆଖି ଖୋଲିଲେ ଏବଂ ନଈ ଭିତରୁ କୂଳକୁ ଉଠି ଆସିଲେ। ପିଲାଟି ତାଙ୍କ ନିକଟକୁ ଯାଇ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଗୋସେଇଁ ମହାପୁରୁ ଆପଣ ଏମିତି କଷ୍ଟ କରି ଆଖି ବୁଜି ନାକପୁଡ଼ା ବନ୍ଦ କରି, ନିଃଶ୍ୱାସ ନ ନେଇ, ଗୋଟିଏ ଗୋଡ଼ରେ ଠିଆହୋଇ କ'ଣ କରୁଥିଲେ ଓ ଏପରି କଲେ କ'ଣ ମିଳିଥାଏ ?" ସାଧୁ ଜଣକ ଛୋଟ ପିଲାଟିର ମନରେ ଉଙ୍କି ମାରିଥିବା ଏହି ଜଟିଳ ପ୍ରଶ୍ନର ଉତ୍ତର କ'ଣ ଦେବେ ଚିନ୍ତା କରିପାରିଲେନି। ପିଲାଟିକୁ ଏଡ଼େଇ ଯିବାକୁ ମିଛଟିଏ କହିଦେଲେ। କହିଲେ ମୁଁ ସନ୍ଧ୍ୟା କରୁଥିଲି। ଏପରି କଲେ ଭଗବାନ ଦର୍ଶନ ଦିଅନ୍ତି।

ପିଲାଟି ସାଧୁଗୋସେଇଁଙ୍କ ମୁହଁରୁ ଏହି ଉତ୍ତରଟି ପାଇ ଏକାନିଃଶ୍ୱାସକେ ଧାଇଁ ଧାଇଁ କିଛି ବାଟ ଚାଲିଗଲା। ନଈରେ ବୁଡ଼ଟାଏ ପକେଇ ସାଧୁଗୋସେଇଁ ଯେପରି ଠିଆ ହୋଇଥିଲେ, ସେହିପରି ଠିଆହୋଇ ରହିଲା। ଆଖି ବୁଜିଦେଲା। ବାମ ଗୋଡ଼ଟି ଡାହାଣ ଗୋଡ଼ର ଆଣ୍ଠୁ ଉପରେ ରଖିଲା ଏବଂ ବାମ ହସ୍ତର ଦୁଇ ଆଙ୍ଗୁଠିରେ ନାକର ଦୁଇ ପୁଡ଼ାକୁ ଚିପି ଧରିଲା, ଯେପରି ନିଃଶ୍ୱାସ/ପ୍ରଶ୍ୱାସ ଆଉ ନେଇହେବ ନାହିଁ। ଏକାଗ୍ର ଚିତ୍ତରେ ଭଗବାନଙ୍କୁ ଡାକି ଚାଲିଲା, ଦର୍ଶନ ଦିଅ ପ୍ରଭୁ, ମୋତେ ବି ଦର୍ଶନ ଦିଅ, ଯେପରି ସେହି ସାଧୁ ଗୋସେଇଁଙ୍କୁ ଦେଉଛ। ଭଗବାନଙ୍କ ଆସନ ସେପଟେ ଟଳମଳ ହେଲା। ଛୋଟିଆ ବାଳକଟିଏ। ତା'ର ଅକପଟ ସରଳ ତରଳ ହୃଦୟରେ ଭଗବାନଙ୍କୁ ଡାକି ଚାଲିଛି। ଆଉ ବିଳମ୍ବ କଲେ ପିଲାଟି ହୁଏତ ନିଃଶ୍ୱାସ ନ ନେଇପାରି ମୃତ୍ୟୁବରଣ କରିପାରେ। ତେବେ ବିଧାତାଙ୍କ କପାଳରେ କଳଙ୍କ ବୋଳି ହୋଇଯିବ। ପ୍ରଭୁ ଆଉ ଧୈର୍ଯ୍ୟ ଧରି ନ ପାରି ବାଳଗୋପାଳ ରୂପରେ ନଈ କୂଳରେ ଉଭା ହୋଇପଡ଼ି କହିଲେ, "ଆରେ ହେ ରାମୁ, ଆଖି ଖୋଲ, ଦେଖ, ମୁଁ ପରା ଆସି ତୋ ପାଖରେ ଠିଆ ହେଲିଣି। ଆ ! ଉଠିଆ ଏଥର। ପ୍ରଭୁଙ୍କ ବାଣୀରେ ପିଲାଟିର ଧ୍ୟାନଭଗ୍ନ ହେଲା। ଦେଖିଲା କୂଳରେ ବାଳକଟିଏ ଠିଆ ହୋଇଛି, ତାରି ସମାନ ବୟସର। ଘନନୀଳ ଶ୍ୟାମଳ ଅଙ୍ଗ, କର୍ଣ୍ଣରେ କୁଣ୍ଡଳ, ମଥାରେ ମୁକୁଟ, ପାଟ ପୀତାମ୍ବରୀ, ହାତରେ ମୂରଲୀ, ପାଦରେ ନୂପୁର, ଅଣ୍ଟାରେ ରତ୍ନମେଖଳା, ଗଳାରେ ରତ୍ନହାର, ମଥାରେ ଗୋରଚନା, ହୃଦୟରେ ଶ୍ରୀବତ୍ସ ପାଦଚିହ୍ନ, କୁଞ୍ଜୁକୁଞ୍ଜୁଆ ଘନ କେଶରାଶିରେ ମୟୂର ଚନ୍ଦ୍ରିକା, ହାତରେ କଙ୍କଣ, ବାହୁରେ ବାହୁଟି, କମନୀୟ ମନଲୋଭା ରୂପକାନ୍ତି, ପିଲାଟି ଦଣ୍ଡେ ଚାହିଁ ରହିଲା। ତା' ମନରେ ସନ୍ଦେହ ଆସିଲା, ଯେ କ'ଣ ସାଧୁ ଗୋସେଇଁଙ୍କୁ ଦର୍ଶନ ଦେଉଥିବା ସେହି ଭଗବାନ ! ନା ମୋ' ସହ କେହି ଆସି ଛଳନା କରୁଛି ! ପିଲାଟି ହଠାତ୍ ନଈ ଉପରକୁ ଉଠିଆସି ଗୋଟିଏ ଦଉଡ଼ିରେ ସେହି ବାଳଗୋପାଳଙ୍କୁ ଆମ୍ବଗଛରେ ବାନ୍ଧି ପକେଇଲା। କହିଲା, ଆପଣ ଭଗବାନ କି ନୁହେଁ ମୁଁ ଜାଣିନି। ମୁଁ ସେହି ସାଧୁଗୋସେଇଁଙ୍କୁ ଡାକି ଆଣୁଛି। ସିଏ ଦେଖିଲେ କହିପାରିବେ, ତୁମେ ସତ ଭଗବାନ କି ନୁହେଁ ? ମୁଁ ଏଇ ଗଲି, ଏଇ ଆସିଲି। କହି ଦୌଡ଼ିଗଲା ଏକା ନିଃଶ୍ୱାସକେ।

ସାଧୁଗୋସେଇଁଙ୍କୁ ହାତଧରି ନେଇ ଆସିଲା ଗଛ ମୂଳକୁ, ଯେଉଁଠାରେ ବାଳଗୋପାଳରୂପୀ ଭଗବାନ ସେହି ପିଲାଟିର ସରଳ ତରଳ ଭକ୍ତି ଆଗରେ ବନ୍ଧା ପଡ଼ିଯାଇଥିଲେ। ବାନ୍ଧି ହୋଇଯାଇଥିଲେ। ସାଧୁ ଗୋସେଇଁ ନିଜ ଆଖିକୁ ବିଶ୍ୱାସ କରିପାରିଲେନି। ଲମ୍ବ ହୋଇ ପାଦତଳେ ପଡ଼ିଗଲେ। ଆଖିରୁ ବହୁଥିଲା ଧାର ଧାର ଲୁହ। ହଠାତ୍ ବାଳଗୋପାଳରୂପୀ ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ। ସାଧୁଗୋସେଇଁ ଏବେ ରାମୁକୁ ଜାକି କୁଣ୍ଢେଇ ପକେଇଲେ। କୋହ ଛଳଛଳ ହୋଇ କହିଲେ, ଆରେ ବାଳକ, ତୁ ଆଜିଠୁ ମୋର ଗୁରୁ। ଦୀର୍ଘଦିନ ତପସ୍ୟା, ତ୍ୟାଗ, ସାଧନା ବଳରେ ଯାହା ପାଇ ନ ଥିଲି, ତାହା ଆଜି ତୋରି ସରଳ ତରଳ ଅନାବିଳ ଭକ୍ତି ଯୋଗୁଁ ପାଇଗଲି। ପ୍ରକୃତରେ ମୁଁ ତୋତେ ମିଛ କହିଥିଲି। ମୁଁ ଭଗବାନଙ୍କୁ ଆଗରୁ କେବେ ଦେଖି ନଥିଲି। ତୋର ପ୍ରଶ୍ନକୁ ଏଡ଼େଇଯିବାକୁ ତୋତେ ଏମିତି କହିଦେଇଥିଲି। ହେଲେ ତୋର ଏକାଗ୍ରତା ପାଖରେ ପ୍ରଭୁ ଆସି ଆଜି ସତକୁ ସତ ବନ୍ଧା ପଡ଼ିଗଲେ। ତୁ ଏକ ମହାନ୍ ଭକ୍ତ, ମହାନ୍ ସନ୍ଥ, ମହାନ୍ ଗୁରୁ। କାରଣ ପରମାତ୍ମା ପ୍ରାପ୍ତି ଲାଗି ଯେଉଁ ଜିନିଷର ଆବଶ୍ୟକତା ଅଛି, ତାହା ତୋ ପାଖରେ ଅଛି। ତାହା ହେଲା ନିଷ୍କପଟ ହୃଦୟ, ସଂଶୟହୀନ ବିଶ୍ୱାସ, ସମ୍ପୂର୍ଣ୍ଣ ସମର୍ପଣ, ଅନାବିଳ ଭକ୍ତି, ସର୍ବୋପରି ଏକାଗ୍ରତା। ରାମୁ ବଡ଼ବଡ଼ ଆଖିରେ ସାଧୁ ଗୋସେଇଁଙ୍କୁ କେବଳ ଅନେଇ ରହିଥିଲା। ଅସ୍ତଗାମୀ ସୂର୍ଯ୍ୟଙ୍କ ସୁନେଲୀ କିରଣରେ ନଦୀଜଳ ଚିକ୍‌ମିକ୍ କରୁଥିଲା। ଗଛପତ୍ର ସନ୍ଧିରୁ ଘନେଇ ଆସୁଥିଲା ମେଞ୍ଚା ମେଞ୍ଚା ଅନ୍ଧାର।

ଡ. ପ୍ରତିଭା ମହାରଥୀ, ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯

ଆଜିର ଅନୁଚିନ୍ତା

ଭିତରେ କୁଟିଳତା ଭରି, ବାହାରକୁ ସରଳ ବୋଲି ଯେତେ ଦେଖାଇହେଲେ ମଧ୍ୟ କେତେବେଳେ ହେଲେ ଧରାପଡ଼ିଯିବାର ଆଶଙ୍କା ଥାଏ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ସମରକନ୍ଦର ସନ୍ଦେଶ

ସୌମେନ୍ଦ୍ର ଜେନା

ଗତ କିଛିଦିନ ଧରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ରୁଷିଆ ରାଷ୍ଟ୍ରପତି ପୁତିନଙ୍କୁ ଦେଇଥିବା ଯୁଦ୍ଧ ସଂକ୍ରାନ୍ତରେ ପରାମର୍ଶକୁ ବିଶ୍ୱର ଅନେକ ରାଷ୍ଟ୍ର ପସନ୍ଦ କରିବା ସହ ପ୍ରଶଂସା ମଧ୍ୟ କରିଥିଲେ । କେତେକ ପାଶ୍ଚାତ୍ୟ ରାଷ୍ଟ୍ର ଆଲୋଚନା ପୁତିନଙ୍କୁ ମୋଦିଙ୍କ ଆଇନା ଦେଖାଇବା ପରି ତୁଳନା କରି ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ । ଉଜ୍‌ବେକିସ୍ଥାନର ସମରକନ୍ଦରେ ଅନୁଷ୍ଠିତ ୨୨ତମ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ର ବୈଠକରେ ଯୋଗଦେବା ପାଇଁ ଗତ ସେପ୍ଟେମ୍ବର ମାସ ତୃତୀୟ ସପ୍ତାହରେ ମୋଦି ସମରକନ୍ଦରେ ପୁତିନଙ୍କ ସହ ଆଲୋଚନା ବେଳେ ନିଜ ମନକଥା ସ୍ପଷ୍ଟଭାବେ ଉପସ୍ଥାପନ କରିଥିଲେ । ରୁଷ-ୟୁକ୍ରେନ ଯୁଦ୍ଧ ଯେତେ ଶୀଘ୍ର ବନ୍ଦ ହେବା ଦରକାର ଏବଂ ବର୍ତ୍ତମାନର ସମୟ ଯୁଦ୍ଧର ଯୁଗ ନୁହେଁ ବୋଲି କହିଥିଲେ । ଯୁଦ୍ଧ କାରଣରୁ ପୃଥିବୀରେ ଖାଦ୍ୟାନ୍ନର ଅଭାବ, ଯୋଗାଣରେ ସଙ୍କଟ, ଉତ୍ପାଦନଗତ ଅସୁବିଧା ସଂପର୍କରେ ଉଲ୍ଲେଖ କରିଥିଲେ । ସେପ୍ଟେମ୍ବର ୧୫-୧୬ ଦୁଇଦିନ ପାଇଁ ଚାଲିଥିବା ଆଲୋଚନାରେ ରୁଷିଆ, ଚୀନ, ଭାରତ, କିର୍ଗିଜ ଗଣତନ୍ତ୍ର, କାଜାଖସ୍ଥାନ, ତାଜିକସ୍ଥାନ, ଉଜ୍‌ବେକିସ୍ଥାନ, ପାକିସ୍ଥାନ ପରି ସ୍ଥାୟୀ ସଦସ୍ୟ ରାଷ୍ଟ୍ରଗୁଡିକର ରାଷ୍ଟ୍ରମୁଖ୍ୟଗଣ ଯୋଗଦାନ କରିଥିଲେ । ଆଲୋଚନାରେ ୮ଟି ଅଂଶଗ୍ରହଣକାରୀ ସଦସ୍ୟ ରାଷ୍ଟ୍ର ବାହାରିନ, ମାଳଦ୍ୱୀପ, କୁଏତ୍, ୟୁଏଇ, ମ୍ୟାନମାର, ଇଜିପଟ୍. ସାଉଦି ଆରବ ଏବଂ କାତାର ମଧ୍ୟ ଯୋଗ ଦେଇଥିଲେ । ଚଳିତବର୍ଷ ଇରାନକୁ ନିୟମିତ ସଦସ୍ୟ ଭାବେ ସ୍ୱୀକୃତି ମିଳିଛି । ବେଲାରୁଷ ମଧ୍ୟ ଆଗାମୀ ଦିନରେ ଏଥିରେ ସାମିଲ ହେବ । ଭାରତ ଏହି ସଂଗଠନକୁ ମଧ୍ୟ ଏସିଆରେ ନିଜର ସହଯୋଗ ଓ ବାଣିଜ୍ୟ ବୃଦ୍ଧିପାଇଁ ଲକ୍ଷ୍ୟ ରଖିଛି ।

ସମରକନ୍ଦର ଏହି ବୈଠକ ଭାରତପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । କାରଣ ଉଜ୍‌ବେକିସ୍ଥାନ କେନ୍ଦ୍ର ଏସିଆରେ ଥିବା ଦେଶଗୁଡିକ ମଧ୍ୟରେ ଭାରତର ନିକଟତମ ବନ୍ଧୁ ରାଷ୍ଟ୍ର । ଚଳିତବର୍ଷ ଉଜ୍‌ବେକିସ୍ଥାନ ହାତରେ ଏହି ସଂଗଠନର ନେତୃତ୍ୱ ଥିଲା ବେଳେ ଆସନ୍ତା ବର୍ଷ ୨୦୨୩ରେ ଭାରତ ଏହାର ନେତୃତ୍ୱ ନେଇ ପରବର୍ତ୍ତୀ ବୈଠକ ନିଜ ଦେଶରେ ଆୟୋଜନ କରିବ । କୋରୋନା ପାଇଁ ୨୦୧୯ ଜୁନ୍‌ରେ ବିଶ୍‌କେକଠାରେ ପୂର୍ବବର୍ତ୍ତୀ ବୈଠକରେ ଯାହା ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନେ ମୁହାଁମୁହିଁ ଆଲୋଚନା କରିବାକୁ ସକ୍ଷମ ହୋଇଥିଲେ । ଚଳିତବର୍ଷ ରୁଷ-ୟୁକ୍ରେନ ଯୁଦ୍ଧ ଜାରିଥିଲା ସମୟରେ ପାରସ୍ପରିକ ସହଯୋଗ, ବିଶ୍ୱ ପରିସ୍ଥିତି, ସନ୍ତ୍ରାସର ମୁକାବିଲା, ଶକ୍ତିସଙ୍କଟର ସମାଧାନ ପାଇଁ ଦେଶଗୁଡିକ ଆଲୋଚନା କରିଥିଲେ । ଏହି ସମୟରେ ମୋଦିଙ୍କ ସବ ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଥିବାରୁ ଅଧିକ ସଂଖ୍ୟକ ବୈଠକ ଗୋଟିଏ ସମୟରେ ଆୟୋଜନ କରାଇବା ସହଜ ହୋଇଥିଲା । ଫଳରେ ଭାରତର ପ୍ରଧାନମନ୍ତ୍ରୀ କେବଳ ପାକିସ୍ଥାନର ପ୍ରଧାନମନ୍ତ୍ରୀ ଏବଂ ଚୀନର ରାଷ୍ଟ୍ରପତିଙ୍କୁ ବାଦ ଦେଲେ ପ୍ରାୟ ଅନ୍ୟ ସମସ୍ତ ପ୍ରମୁଖ ନେତୃବୃନ୍ଦଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲେ । ରୁଷ-ୟୁକ୍ରେନର ଯୁଦ୍ଧକାଳରେ ଏସ୍‌ସିଓ ବୈଠକରେ ଯୁଦ୍ଧକୁ କେନ୍ଦ୍ରକରି ଆଲୋଚନା ଅଧିକ ହୋଇପାରେ ବୋଲି ସମସ୍ତଙ୍କ ଦୃଷ୍ଟି ରହିଥିଲା । କିନ୍ତୁ ନେତୃବୃନ୍ଦଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ, ବାଣିଜ୍ୟିକ ସ୍ୱାର୍ଥ, ସୁରକ୍ଷା ପାଇଁ ଚିନ୍ତା, କୋରୋନା ପରବର୍ତ୍ତୀ କାଳରେ ଖାଦ୍ୟାନ୍ନ ସୁରକ୍ଷା, ଯୋଗାଯୋଗ ଓ ପରିବହନ ଉପରେ ଅଧିକ ଗୁରୁତ୍ୱ ଦେବାପରି ଆଗ୍ରହ ପରିଲକ୍ଷିତ ହୋଇଥିଲା । ୟୁରେସିଆ ଆର୍ଥିକ ସଂଘ (ଇଇୟୁ) ଏବଂ ଦକ୍ଷିଣ -ପୂର୍ବ ଏସୀୟ ରାଷ୍ଟ୍ର ସଂଘ (ଆସିଆନ) ସଦୃଶ ବୃହତ ୟୁରେସିଆ ସହଯୋଗ ଦୃଷ୍ଟିରେ କେନ୍ଦ୍ର ଏସିଆର ରାଷ୍ଟ୍ରଗୁଡିକ ଆଗ୍ରହୀ ଥିବା ଜଣାପଡିଥିଲା । ଏହି ସଂଗଠନ ମଧ୍ୟରେ କେନ୍ଦ୍ର ଏସିଆର ରାଷ୍ଟ୍ରଗୁଡିକ ବଡ ପଡୋଶୀ ରାଷ୍ଟ୍ର ରୁଷିଆ ଏବଂ ଚୀନ, ପାରସ୍ପରିକ ଶତ୍ରୁ ରାଷ୍ଟ୍ର ଭାରତ ଓ ପାକିସ୍ଥାନ, ଚୀନ ଏବଂ ଭାରତ ସହ ଗୋଟିଏ ସମୟରେ ଆଲୋଚନା କରିବା କଲାବେଳେ ସେମାନେ ନିଜ ରାଷ୍ଟ୍ରର ସ୍ୱାୟତ୍ତତା ବଜାୟ ରଖିବା ପାଇଁ ଜୋର ଦେଇଥିଲେ ।

କୋରୋନା ପରବର୍ତ୍ତୀ କାଳରେ ଚୀନର ସତକ ଯୋଜନା ଯୋଗୁ ପୃଥିବୀରେ ଅନେକ ରାଷ୍ଟ୍ରରେ ଆର୍ଥିକ ସଙ୍କଟ ଦେଖାଦେଇଛି । ସେହିସବୁ ରାଷ୍ଟ୍ର ଚୀନର ଋଣଯନ୍ତାରୁ ମୁକ୍ତ ହେବାପାଇଁ ଉଦ୍ୟମ ଜାରି ରଖିଛନ୍ତି । ୟୁରୋପ ଏବଂ ଆମେରିକା ସହ ଚୀନର ମତଭେଦ ସଂପ୍ରତି ଜାରି ରହିଛି । ନିଜ ରାଷ୍ଟ୍ରରେ ମଧ୍ୟ ଚୀନ ରାଷ୍ଟ୍ରପତି ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି, ଯେଉଁଥିପାଇଁ ସମରକନ୍ଦର ବୈଠକ ଶେଷ ହେବା ପୂର୍ବରୁ ଚୀନ ରାଷ୍ଟ୍ରପତି ନିଜ ଦେଶକୁ ଫେରିଆସିବାକୁ ବାଧ୍ୟ ହୋଇଥିଲେ । ଜିନପିଙ୍ଗଙ୍କ ନୀତିକୁ ବିଦେଶପରି ଚୀନର ଲୋକେ ଏବେ ଖୋଲାଖୋଲି ବିରୋଧ କରିବା ଯୋଗୁ ଦେଶରେ କୋରୋନାର କଟକଣା ଲଗାଯାଇଛି । ଅକ୍ଟୋବର ମାସରେ ଚୀନ କମ୍ୟୁନିଷ୍ଟ ପାର୍ଟିର ବୈଠକ ହେବାକୁ ଯାଉଥିବା ହେତୁ ନିଜେ ଚୀନ ରାଷ୍ଟ୍ରପତି ପୁନର୍ବାର ନିର୍ବାଚିତ ହେବା ନ ହେବାକୁ କେନ୍ଦ୍ରକରି ଦ୍ୱନ୍ଦ୍ୱରେ ରହିଛନ୍ତି । ଚୀନର ଗଣମାଧ୍ୟମ ଦେଶର ନେତୃତ୍ୱକୁ ନେଇ କିଛି କହିବାକୁ ନାରାଜ । ଏହି ସ୍ଥିତିରେ କେନ୍ଦ୍ର ଏସିଆରେ ଚୀନର ପ୍ରକଳ୍ପର ଯୋଜନା କଣ ହେବ ତାହା ମଧ୍ୟ ଦ୍ୱନ୍ଦ୍ୱରେ । ଶାହବାଜ୍ ସରିଫଙ୍କ ସରକାର ପାକ୍‌ରେ କ୍ଷମତାକୁ ଆସିବା ପରେ ଆମେରିକାର ଆର୍ଥିକ ଏବଂ ସାମରିକ ସହଯୋଗ ବୃଦ୍ଧି ପାଇବାରେ ଲାଗିଛି । ଆଫଗାନ ସୀମାରେ ତାଲିବାନ ଗୋଷ୍ଠୀ ଚୀନ ସରକାରଙ୍କ ନୀତିକୁ ସମ୍ମାନ ଜଣାଉ ନ ଥିବା ହେତୁ ଆଫଗାନିସ୍ଥାନରୁ ନିଜର ଅନେକ ଖଣି କର୍ମଚାରୀଙ୍କୁ ଚୀନ ଫେରାଇ ନେଇଛି । ତୈଳଦରକୁ କେନ୍ଦ୍ରକରି ରୁଷିଆ ଏବଂ ଆମେରିକା ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଜାରି ଥିଲାବେଳେ ପୁତିନ ଆରବ ଜଗତକୁ ସ୍ଥିର କରିବା ପାଇଁ ନିଜ ସପକ୍ଷକୁ ନେବାରେ ଲାଗିଛନ୍ତି । ପ୍ରଥମେ ସିରିଆ, ପରେ ଇରାନ ଆଉ ଏବେ ୟୁଏଇ ଏବଂ ସାଉଦି ଆରବକୁ ନିଜ ସପକ୍ଷରେ ନେଇ ରୁଷିଆ ବାଇଡେନଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଛି । ଆରବରୁ ଆଉଟ ହେବା ପରେ ଆମେରିକା ଏସିଆରେ ନିଜର ସ୍ଥିତିରକ୍ଷା ପାଇଁ ପାକିସ୍ଥାନକୁ ଆଶ୍ରା କରିଛି । କାରଣ ସମରକନ୍ଦର ଆଲୋଚନା ସମୟରେ ଶକ୍ତିସଙ୍କଟ ବିଷୟରେ ଯେଉଁ ଉଦ୍‌ବେଗ ପ୍ରକାଶ ପାଇଥିଲା ପୁତିନ ତାର ମୁକାବିଲା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆଉ ଏବେ ସେ ଆରବ ଜଗତକୁ ନିଜ ସପକ୍ଷରେ ନେବାକୁ ଯୋଜନା କରି ସଫଳ ମଧ୍ୟ ହେଲେ । ଏହାଛଡା ଆମେରିକା ଏବଂ ନାଟୋ ଗୋଷ୍ଠୀକୁ ପୁତିନ ଏକାକୀ ଯେପରି ଦୀର୍ଘଦିନ ହେବ ମୁକାବିଲା କରି ଆସୁଛନ୍ତି ତାହା ଆରବ ରାଷ୍ଟ୍ରଙ୍କୁ ପସନ୍ଦ ଯୋଗ୍ୟ ହୋଇଛି । ବାଇଡେନଙ୍କ ବାଉଳା ନୀତିକୁ ପସନ୍ଦ କରୁନଥିବା ଏହିସବୁ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଏବେ ପୁତିନଙ୍କ ନିକଟରେ ଶରଣ ପଶିଛନ୍ତି ।

ସମରକନ୍ଦରେ ମୋଦିଙ୍କ ସହ ଆଲୋଚନ

କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପ୍ଲେ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

୨୧ରୁ ରାଜ୍ୟ ବ୍ୟାଡମିଂଟନ ଚମ୍ପିଆନସିପ : ସାରା ରାଜ୍ୟରୁ ଭାଗ ନେବେ ୨୦୦ ପ୍ରତିଯୋଗୀ

ବଲାଙ୍ଗୀର,(ପି.ଏନ): ସ୍ଥାନୀୟ ପି.ଆର. ହାଇସ୍କୁଲ ଇନଡୋର ଷ୍ଟାଡିଅମରେ ଆସନ୍ତା ୨୧ ତାରିଖରୁ ଓଡିଶା ରାଜ୍ୟ ବ୍ୟାଡମିନ୍ଟନ ଚମ୍ପିଆନସିପ ଅନୁଷ୍ଠିତ ହେବ। ୧୫ ଓ ୧୭ବର୍ଷ ବର୍ଗରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ପ୍ରାୟ ୨୦୦ ଜଣ ପ୍ରତିଯୋଗୀ ଭାଗ ନେବେ । ବ୍ୟାଡମିନ୍ଟନ ଖେଳରେ ଏସ୍ତରର ପ୍ରତିଯୋଗିତା ଆୟୋଜନ ପାଇଁ ବଲାଙ୍ଗିରକୁ ପ୍ରଥମ ଥର ପାଇଁ ସୁଯୋଗ ମିଳିଥିବା ବେଳେ ଏଭଳି ପ୍ରତିଯୋଗିତା ଅଂଚଳର ଖେଳାଳିମାନଙ୍କୁ ନୂତନ ଖେଳ ଶୈଳି ଶିଖାଇବା ସହ ଖେଳିବା ପାଇଁ ପ୍ରେରଣାଦାୟୀ ହେବ। ତେବେ ବ୍ୟାଡମିନ୍ଟନ ପାଇଁ ସହରରେ ଥିବା ନୂତନ ଇନଡୋର ସୁବିଧାର ସଦ୍ ଉପଯୋଗ କରି ଏଠାରୁ ଜାତୀୟ ସ୍ତରର ଖେଳାଳି ତିଆରି କରିବା ଜିଲ୍ଲା ବ୍ୟାଡମିନ୍ଟନ ସଂଘର ଏକ ମାତ୍ର ଉଦ୍ଦେଶ୍ୟ ବୋଲି ଆଜି ଇନଡୋର ଷ୍ଟାଡିଅମରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂଘର ସମ୍ପାଦକ ତଥା ପ୍ରତିଯୋଗିତାର ସାଂଗଠନିକ ସଂପାଦକ ସୁରୁଲାଲ ମଟାରୀ କହିଛନ୍ତି ।ପ୍ରତିଯୋଗିତା ବିଷୟରେ ସେ ଆହୁରି ସୁଚନା ଦେଇଛନ୍ତି ଯେ, ସ୍ଥାନୀୟ ଇନଡୋର ଠାରେ ମଙ୍ଗଳବାର ଦିନଠୁଁ ଏକ ଛଅ ଦିନିଆ ବୈଷୟୀକ ଅଧିକାରୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଏଥିରେ ସାରା ରାଜ୍ୟରୁ ପ୍ରାୟ ୩୮ ଜଣ ଆଶାୟୀ ଅମ୍ପାୟାର ଯୋଗଦାନ କରିବେ । ପ୍ରଥମ ତିନି ଦିନ ଥିଓରି କ୍ଲାସ ହେବା ପରେ ଦ୍ୱିତିୟ ପର୍ଯ୍ୟାୟରେ ତିନି ଦିନ ସେମାନେ ପ୍ରତିଯୋଗିତାରେ ପ୍ରାକ୍ଟିକାଲ କରିବେ । ବିଶ୍ୱ ବ୍ୟାଡମିନ୍ଟନ ଫେଡେରେସନ ଅମ୍ପାୟାର ଉଦୟ ସାନେ ଓ ଶୈଳେଶ କୁଲକର୍ଣ୍ଣୀଏମାନଙ୍କୁ ତାଲିମ ଦେବେ । ତିନି ଧରି ଏହି ଶିବର ହେବା ପରେ ୨୧ ତାରିଖ ସକାଳୁ ୧୫ ଓ ୧୭ ବୟଷ ବର୍ଗର ରାଜ୍ୟ ପ୍ରତିଯୋଗିତା ଆରମ୍ଭ ହେବ । ଉଭୟ ବର୍ଗରେ ଏକକ, ଯୁଗଳ ଓ ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ସାରା ରାଜ୍ୟରୁ ପ୍ରାୟ ୨୦୦ ପ୍ରତିଯୋଗୀ ଭାଗ ନେବେ । ରାଜ୍ୟ ସଂପାଦକ ନୀଲିନ କୁମାର, ଚିଫ ରେଫରି ରିତା ଦାଶ , ମ୍ୟାଚ କଂଟ୍ରୋଲର ବିଜୟ ବାଗ, କୋର୍ଟ ଅଫିସିଆଲ ଚେଆରମ୍ୟାନ ମନୋରଞ୍ଜନ ଦାଶ ଓ ଟିଓ କୋଡିନେଟର ଲକ୍ଷପତି ନନ୍ଦ ତିନି ଦିନ ଧରି ପ୍ରତିଯୋଗିତା ପରିଚାଳନା କରିବେ। ୨୩ ତାରିଖ ଦିନ କୃତି ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯିବା ସହ ରାଜ୍ୟର ସମସ୍ତ ବୈଷୟୀକ ଅଧିକାରୀମାନଙ୍କୁ କିଟ ପ୍ରଦାନ କରାଯିବ ବୋଲି ଶ୍ରୀ ମଟାରୀ ସୁଚନା ଦେଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ଜିଲ୍ଲା କୋଡିନେଟର ଆଦିତ୍ୟ କେଜରିୱାଲ, ମ୍ୟାଚ କୋଡିନେଟର ସୁରେନ୍ଦ୍ର ନେପାଲ ମଞ୍ଚାସିନ ଥିବା ବେଳେ ବୈଷୟିକ ଅଧିକାରୀ ଅନନ୍ତ ବେହେରା,ମାନସ ମହାନ୍ତି, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥି, ଜିଲ୍ଲା ସଭ୍ୟ ବିରେନ୍ଦ୍ର ମିଶ୍ର, ଝୁଲୁ ପଟ୍ଟନାୟକ, କବିଚନ୍ଦ୍ର ଠାକୁର,ସୁନୀଲ ବେହେରା,ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

କନ୍ଧମାଳ ଜିଲା ସମବାୟ ସଂଘର ସଭାପତି ରୁପେ ସୁପ୍ରଭା ନାୟକ ନିର୍ବାଚିତ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲା ସମବାୟ ସମିତି ନିବନ୍ଧକଙ୍କ ଅଧିନରେ ଥିବା ଜିଲା ସମବାୟ ସଂଘର ନିର୍ବାଚନରେ ସଭାପତି ରୂପେ ସୁପ୍ରଭା ନାୟକ ନିର୍ବାଚିତ ହୋଇଛନ୍ତି। ଓଡିଶା ସମବାୟ ସମିତି ନିୟମାବଳୀ ୧୯୯୨ ଅନୁଯାୟୀ କନ୍ଧମାଳ ଜିଲ୍ଲା ସମବାୟ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଛି। ମୋଟ ୧୫ଜଣ ବୋର୍ଡ ଅଫ ଡାଇରେକ୍ଟରଙ୍କ ମଧ୍ୟରୁ ୧୨ଜଣ ପରିଚାଳନା ପରିଷଦକୁ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସୁପ୍ରଭା ନାୟକ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ସେହି ୧୨ଜଣଙ୍କ ମଧ୍ୟରୁ ସୁରେନ୍ଦ୍ର ପ୍ରଧାନ, ଦ୍ୱିଜେନ୍ଦ୍ର ନାଥ ପ୍ରଧାନ, ଶତପଥୀ ପ୍ରଧାନ, ପଦ୍ମନାଭ କହଁର, କାଳିଦାସ ପ୍ରଧାନ, କିଶୋର ଚନ୍ଦ୍ର ନାୟକ, ସୁପ୍ରଭା ନାୟକ, କୃଷ୍ଣ ଚନ୍ଦ୍ର କହଁର, ଯମେଶ ପ୍ରଧାନ, ଗୌରୀ ଶଙ୍କର ପଟ୍ଟନାୟକ , ବୁଡୁ ଦିଗାଲ ପ୍ରମୁଖ ଜିଲା ସମବାୟ ସମିତି ର ପରିଚାଳନା ପରିଷଦକୁ ନିର୍ବାଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ସୁପ୍ରଭା ନାୟକ ବିନା ପ୍ରତିଦ୍ୱନ୍ଦିତା ରେ ସଭାପତି ରୂପେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଗଙ୍ଗାଧର କହଁର ଘୋଷଣା କରିଛନ୍ତି।

ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବ୍ଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବ୍ଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବ୍ଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବ୍ଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନା

—ଖାଦ୍ୟ ଖଳନାୟକ—

ଭାତ ଆପଣଙ୍କୁ ମୋଟା କରି ଦେବ। କୋଲେଷ୍ଟେରଲ ସ୍ତର ବୃଦ୍ଧି କରିଦେବ। ଭାତକୁ ଡାଏଟ୍ ଭିଲିଆନ ବା ଖାଦ୍ୟର ଖଳନାୟକ କହିବା ପଛରେ ବହୁ ତଥ୍ୟ ଲୁଚିଛି। ଏ ସମ୍ବନ୍ଧରେ ଗବେଷଣା ଆହୁରି ଆଗକୁ ବଢୁଛି ଯାହାର ଶେଷ ବି ନାହିଁ। ତଥାପି ଭାତକୁ ଛାଡ଼ି ବଞ୍ଚିବା କଷ୍ଟକର। ଯୁଗ ଯୁଗ ଧରି ଭାରତ ତଥା ଏସିଆରେ ଏହା ପ୍ରଧାନ ଖାଦ୍ୟ ଭାବେ ରହିଆସିଛି। ଭାତକୁ ଏହି ଅଞ୍ଚଳର ୭୦ଭାଗ ବ୍ୟକ୍ତି ଦୈନିକ ଖାଇଥାନ୍ତି। କେବଳ ଭାତ ନୁହେଁ, ଚାଉଳରୁ ପ୍ରସ୍ତୁତ ଅନ୍ୟ ଖାଦ୍ୟରୁ ବି ଶକ୍ତି ମିଳିଥାଏ। କିନ୍ତୁ ଅଭ୍ୟାସ କ୍ରମେ ଓ ଅନ୍ୟ ବିକଳ୍ପ ନଥାଇ ଏହାକୁ ଲୋକେ ଖାଇବା ଦ୍ୱାରା ଏବେ ଜୀବନଶୈଳୀଗତ ରୋଗ ମଧୁମେହ ଓ ଆବେଗ ବୃଦ୍ଧି ପାଉଛି। ଭାତ ଯାହା ଆମକୁ ଯୁଗ ଯୁଗ ଧରି ଜୀବନ ଦେଇଛି - ତାକୁ କିପରି ଆମେ ଡାଏଟ୍ ଭିଲିଆନ ବୋଲି କହିପାରିବା। ଏଥିରୁ ସବୁଠୁ ବେଶୀ ପୋଷକ ତତ୍ତ୍ୱ ରହିଛି। କିନ୍ତୁ ଯେତେବେଳେ ଏହାକୁ ପ୍ରୋସେସିଂ କରାଯାଉଛି ସେଥିରୁ ତନ୍ତୁ, ପ୍ଲାଣ୍ଟ ପ୍ରୋଟିନ, ଅତିଦରକାରୀ ଫ୍ୟାଟି ଏସିଡ଼, ଭିଟାମିନ ଓ ମିନେରାଲ୍ସ ନଷ୍ଟ ହୋଇଯାଏ। ଏହା ହିଁ ଚିନ୍ତାର କାରଣ। ଏହାକୁ ଫାଇନ ଓ ପଲିସ କରି ପ୍ୟାକେଟରେ ରଖାଯାଇ ବିକ୍ରି କରାଯିବା ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ। ଏହାକୁ ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପ୍ରୋଟିନ ଓ ପୋଷକ ତତ୍ତ୍ୱ ମିଳିପାରୁନି। ଆମକୁ ଏହି ସଙ୍କଟରୁ ଦୂରେଇ ରହିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ଚୟନ ସଠିକ ହେବା ଆବଶ୍ୟକ : ସୁପର ମାର୍କେଟକୁ ପଶିଯିବା କ୍ଷଣି ଥାକ ଥାକ ହୋଇ ଥୁଆହୋଇଥାଏ ବ୍ରାଉନ୍ ରାଇସ, ରେଡ଼ ରାଇସ, ଲଙ୍ଗ ଗ୍ରେନ୍, ବ୍ରୋକନ୍ ଗ୍ରେନ ଏମିତି ଅନେକ। ଏମିତିକା ଚାଉଳ ବାଛିବା ପୂର୍ବରୁ ସହଜରେ ଯାହା ହଜମ ହୋଇପାରିବ ତାହା ପସନ୍ଦ କରନ୍ତୁ। ବେଳେବେଳେ ପ୍ରୋସେସିଙ୍ଗରେ ଏଥିରେ ଅତ୍ୟଧିକ ମାତ୍ରାରେ ଭିଟାମିନ୍ ଓ ମିନେରାଲ୍ସ ଭରି ଦିଆଯାଇଥାଏ। ଏଭଳି ରାଇସ୍ ଓଜନ ବୃଦ୍ଧି କରାଇଥାଏ। ନ୍ୟୁଟ୍ରିସନ ସ୍ତର ଯଦି ବିଚାରକୁ ନିଆଯାଏ, ତେବେ ହ୍ୱାଇଟ ରାଇସ୍ ବା ଧଳା ଚାଉଳ ଠାରୁ ବ୍ରାଉନ୍ ରାଇସ ବା ମାଟିଆ ଚାଉଳ ଭଲ। ଏଥିରେ ହଜମକ୍ରିୟାରେ ସହାୟକ ହେବା ଭଳି ତନ୍ତୁ ଭିଟାମିନ, ମିନେରାଲ୍ସ ତଥା ଉପକାରୀ ଫାଇଟୋ ନ୍ୟୁଟ୍ରିସ ରହିଛି। ଯଦି ଆପଣ ମାଟିଆ, ନାଲି ତଥା ପଲିସ୍ ନହୋଇଥିବା ଚାଉଳର ଭାତ ଖାଆନ୍ତି, ତେବେ ରୁଟିରୁ ଯାହା ଶକ୍ତି, ପ୍ରୋଟିନ୍ ଓ ଭିଟାମିନ ପାଉ ସେହି ପରିମାଣରେ ପାଇପାରିବା। ବ୍ରାଉନ ରାଇସ କୋଲେଷ୍ଟେରଲ ହ୍ରାସ କରିବାରେ ମୁଖ୍ୟ ଭୂମିକା ନିଏ ବୋଲି କହନ୍ତି ନ୍ୟୁଟ୍ରିସନିଷ୍ଟ। ଏଣୁ ଯଦି ଆପଣ ପ୍ରତ୍ୟେକ ଦିନ ଭାତ ଖାଉଛନ୍ତି ତେବେ ପଲିସ ହୋଇନଥିବା ଚାଉଳ ବାଛନ୍ତୁ। ଏହା ବାଦ ବ୍ରାଉନ୍ ରାଇସ ବଦଳରେ ମଣିପୁରୀ ବ୍ଲାକ ରାଇସ ବି ବାଛନ୍ତୁ ଯେଉଁଥିରେ ଜିଙ୍କ୍, କପର ଏବଂ କ୍ୟାରୋଟିନ ପାଇପାରିବେ। ରେଡ଼ ରାଇସ୍‌ରେ ବେଶୀ ଷ୍ଟାର୍ଚ୍ଚ ରହିଥାଏ। ଏଣୁ ଯଦି ସମସ୍ତ ପ୍ରକାର ରାଇସର କ୍ୱାଲିଟି ଦେଖାଯାଏ ତେବେ ସବୁଠୁ ଆଗରେ ରହିବ ବ୍ରାଉନ ରାଇସ। ଏଥିରେ ମାଗ୍ନେସିୟମ ଓ ସେଲେନିୟମ ରହିଛି। ବଜାରରେ ବିଭିନ୍ନ ପ୍ରକାର ବ୍ରାଣ୍ଡର ବ୍ରାଉନ୍ ରାଇସ ଉପଲବ୍ଧ। କିନ୍ତୁ କିଣିବା ପୂର୍ବରୁ ଏଥିପ୍ରତି ସାବଧାନ ହେବାକୁ ପଡ଼ିବ। କାରଣ ବହୁ, କ୍ଷେତ୍ରରେ ଏହାକୁ ରଙ୍ଗ କରାଯାଉଥିବାର ଦେଖାଯାଉଛି। ଅଲଟ୍ରା ପ୍ରୋସେସିଂ ଦାୟୀ: ଭାତ ଖାଇ ଡାଇବେଟିସ୍‌ରେ ପଡୁଛନ୍ତି ବହୁ ବ୍ୟକ୍ତି। ଏଥିରେ ଭାତ ବା ଚାଉଳର ଦୋଷ ନୁହେଁ। ଆପଣ କେଉଁ ପ୍ରକାରର ଚାଉଳ ବ୍ୟବହାର କରୁଛନ୍ତି ତାହା ହିଁ କାରଣ। ବଜାରରେ ଏମିତିକା ପଲିସ ହୋଇଥିବା ଚାଉଳ ମିଳୁଛି ଯେଉଁଥିରେ ପ୍ରୋଟିନ୍ ଭାଗ କମ୍। ତାହା ହଜମ ହାର ବୃଦ୍ଧି କରି ବୁଡ଼ସୁଗାର ବଢ଼ିବାର କାରଣ ହେଉଛି। ଡାୟାବେଟୋଲୋଜିଷ୍ଟ କହନ୍ତି ଯେ ପଲିସ ହୋଇଥିବା ଚାଉଳରେ ତନ୍ତୁ କମିଯାଏ ଓ କାର୍ବୋହାଇଡ୍ରେଟ ବୃଦ୍ଧି ପାଏ। ଚାଉଳକୁ ବାରମ୍ବାର ପଲିସ କରିବା ଦ୍ୱାରା ପ୍ରୋଟିନ୍, ଫ୍ୟାଟ, ମିନେରାଲ, ପଲିଫେନୋସିଡ଼, ଭିଟାମିନ-ଇ ସ୍ତର କମିଯାଏ। ଫଳରେ ସ୍ୱାସ୍ଥ୍ୟପ୍ରଦ ତତ୍ତ୍ୱ ନଷ୍ଟ ହୋଇ ଅନ୍ୟ ରୋଗକୁ ଆମନ୍ତ୍ରଣ କରିଥାଏ। ଏଣୁ ଯେତେବେଳେ ବଜାରରୁ ପଲିସ ହୋଇଥିବା ଚାଉଳ କିଣୁଛନ୍ତି ସେତେବେଳେ ବେଶୀଥର ପଲିସ ହୋଇନଥିବା ଚାଉଳ ବାଛନ୍ତୁ। କିନ୍ତୁ ଏହା ଏବେ ଜାଣିବା କଷ୍ଟକର ଯାହା କ୍ରେତାଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଏକ କପ୍ ଚାଉଳରୁ ମିଳେ : ୨୦୪ କ୍ୟାଲୋରୀ, ୪୫ ଗ୍ରାମ କାର୍ବୋ ହାଇଡ୍ରେଟ୍, ୨ ପ୍ରତିଶତ ପଟାସିୟମ, ୮ ପ୍ରତିଶତ ପ୍ରୋଟିନ, ୨ ପ୍ରତିଶତ କ୍ୟାଲସିୟମ। ଏହା ସତ୍ୟ : ହ୍ୱାଇଟ ରାଇସ ଡାଇବେଟିସ କରେ ବୋଲି ବ୍ରିଟିଶ ମେଡ଼ିକାଲ ଜର୍ଣ୍ଣାଲରେ ପ୍ରକାଶିତ। ଭାରତରେ କରାଯାଉଥିବା ଗବେଷଣାରେ ବି ଏହା ଜଣାପଡ଼ିଛି। ଭାତ ଖାଇବା ଦ୍ୱାରା କୋଲେଷ୍ଟେରୋଲ ସ୍ତର ବୃଦ୍ଧି ହୁଏନି। କିନ୍ତୁ ଏହା ସହ ବେଶୀ ଲୁଣ ନଖାଇବା ଉପରେ ଯେଉଁମାନେ ଧ୍ୟାନ ଦିଅନ୍ତି ସେମାନେ ବେଶୀ ଲାଭ ପାଆନ୍ତି। ଭାତ ଖାଇଲେ ମୋଟା ହେବେନି। ବରଂ ଏହା ସହଜରେ ହଜମ ହୁଏ। ୱେଟଲସ୍ ପାଇଁ ଯେଉଁମାନେ ରହିଛନ୍ତି ସେମାନେ ଏଥିପ୍ରତି ଧ୍ୟାନ ଦେବା ଦରକାର। କାରଣ, ସେମାନେ ଭାତ ଖାଇବା ଛାଡ଼ି ଦେଇଥାନ୍ତି। ଭାତ ଖାଇଲେ ପ୍ରଚୁର ଶକ୍ତି ମିଳେ। ବିକଳ୍ପ : ରାଇସ ବ୍ରାନ ଅଏଲ : କମ୍ପାନୀଗୁଡ଼ିକ ଧାନରୁ କୁଣ୍ଡା ବାହାର କରି ପଲିସ କରି ସେଥିରୁ ନ୍ୟୁଟ୍ରିଏଣ୍ଟ ସ୍ତର ହ୍ରାସ କରୁଥିଲେ ବି ଏବେ କୁଣ୍ଡାରୁ ତେଲ ରାଇସବ୍ରାନ ଅଏଲ ପ୍ରସ୍ତୁତ କରୁଛନ୍ତି ଯାହା ସ୍ୱାସ୍ଥ୍ୟପ୍ରଦ। କାରଣ ଏଥିରେ ରହିଛି- ଥ୍ରିଅକ୍ସିଡ୍ୟାଣ୍ଟ। ମନୋସାଚୁରେଟେଡ ଫ୍ୟାଟ - ମୋଟାପା କମାଏ, କୋଲେଷ୍ଟରୋଲ ହ୍ରାସ କରେ। ସ୍କେଲୋସିସ ପ୍ରଥମାବସ୍ଥାରେ ଉପଶମ କରେ ଓ ହୃଦରୋଗକୁ ଲାଭପ୍ରଦ। ରକ୍ତ ଚାପ ହ୍ରାସ କରେ। ଓରିଜାନୋଲ ଯାହା ଦେହ ପାଇଁ ଉପକାରୀ। ଫାଇଟୋଷ୍ଟିରୋଲ କୋଲେଷ୍ଟେରୋଲ ଯାହା କ୍ୟାନ୍‌ସର ବିରୋଧରେ ଲଢ଼େ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,ଦୂରଭାଷ : ୯୪୩୭୦୫୧୯୫୭

ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଅନୁଷ୍ଠିତ

ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୦ତମ ଜୟନ୍ତୀ ଉତ୍ସବ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଗଣକବି ଏକାଧାରରେ ଜଣେ ଲେଖକ, ନାଟ୍ୟକାର, ନିର୍ଦ୍ଦେଶକ ଓ ସମାଜ ସଂସ୍କାରକ ଥିଲେ। ତାଙ୍କ ଗୀତିନାଟ୍ୟର ପ୍ରଭାବ ଏବେ ସୁଦ୍ଧା ଜନମାନସରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ଯୋଗଦେଇ ଗଣକବିଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ତାଙ୍କର ଜାତିପ୍ରଥାରେ ବିଶ୍ୱାସ ନଥିଲା ବୋଲି କହିଥିଲେ। ସଂପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ଉପସଭାପତି ବଟକୃଷ୍ଣ ପରିଡ଼ା, ଆଇନଜୀବୀ ସନ୍ତୋଷ କୁମାର ତରାଇ, ବ୍ରଜକିଶୋର ଦାଶ, ସୁନାକର ସହୁ, ଗବେଷିକା ସସ୍ମିତା ଦାଶ, ପ୍ରତାପରୁଦ୍ର ପଣ୍ଡା, ପ୍ରଦୀପ ସାମଲ ପ୍ରମୁଖ ଗଣକବିଙ୍କ ସାହିତ୍ୟକୃତି ସଂପର୍କରେ ଆଲୋଚନା କରି ସ୍ମୃତିଚାରଣ କରିଥିଲେ। ଅଜୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଅବୈଧ ଗର୍ଭପାତ: ଉଦ୍‌ବେଗଜନକ ମାତୃ ମୃତ୍ୟୁହାର

ଗର୍ଭପାତ କରିବାର ସମୟ ସୀମାକୁ ୨୦ ସପ୍ତାହ ପରିବର୍ତ୍ତେ ୨୪ ସପ୍ତାହକୁ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ମେଡ଼ିକାଲ ଟର୍ମିନେସନ ଅଫ୍ ପ୍ରେଗ୍‌ନାନ୍‌ସି ଆମେଣ୍ଡମେଣ୍ଟ ବିଲ୍ - ୨୦୨୦କୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛନ୍ତି। ପୂର୍ବରୁ ଥିବା ମେଡ଼ିକାଲ ଟର୍ମିନେସନ ଅଫ୍ ପ୍ରେଗ୍‌ନାନ୍‌ସି ଆକ୍ଟ-୧୯୭୧ ଆଇନ ଅନୁସାରେ ଗର୍ଭପାତର ସମୟ ସୀମା ୨୦ ସପ୍ତାହ ଥିଲା। ସମଗ୍ର ଭାରତ ବର୍ଷର ମାତୃମୃତ୍ୟୁ ହାରକୁ ଅନୁଧ୍ୟାନ କଲେ ୮ପ୍ରତିଶତ କେବଳ ଗର୍ଭପାତ ଜନିତ କାରଣରୁ ହେଉଛି। ମାତୃ ମୃତ୍ୟୁହାରରେ ସମଗ୍ର ଭାରତ ବର୍ଷ ତୁଳନାରେ ଓଡ଼ିଶାର ସ୍ଥାନ ଚତୁର୍ଥ। ସୁରକ୍ଷିତ ଗର୍ଭପାତ ପ୍ରତ୍ୟେକ ମହିଳାଙ୍କର ଏକ ମାନବିକ ଅଧିକାର ହେଲେ ଅନେକ କ୍ଷେତ୍ରରେ ଲୋକଲଜ୍ଜ୍ୟା ଭୟ ଓ ଡାକ୍ତରଖାନା ସୁବିଧାର ସଚେତନତାର ଅଭାବରୁ କେତେକ ମହିଳା ଗର୍ଭପାତ ପାଇଁ ଡାକ୍ତରଙ୍କ ବିନା ପରାମର୍ଶରେ ମେଡ଼ିସିନ ଖାଉଥିବାରୁ ଓ କ୍ୱାକ୍ ମାନଙ୍କ ଦ୍ୱାରା ଗର୍ଭପାତ କରାଉଥିବାରୁ ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗର୍ଭପାତ ପାଇଁ ନିର୍ଦ୍ଧାରିତ ଆଇନ କାର୍ଯ୍ୟକାରୀ କରାଯାଉନଥିବାରୁ ଅଧିକାଂଶ ମହିଳା ଅସୁରକ୍ଷିତ ଗର୍ଭପାତର ଶିକାର ହେଉଛନ୍ତି। ଭାରତରେ ଗର୍ଭପାତକୁ ଆଇନ ସମ୍ମତ କରିବା ପାଇଁ ୧୯୭୧ ମସିହାରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ଅଧିନିୟମ ଗୃହୀତ ହୋଇଥିଲା ଯଦିଓ ଏହି ଆଇନ ଗର୍ଭପାତକୁ ସମ୍ପୂର୍ଣ୍ଣ ମୁକ୍ତ କରିନାହିଁ ତଥାପି ଯେକୌଣସି ମହିଳା ନିଜ ଇଚ୍ଛାରେ ୨୦ସପ୍ତାହ ମଧ୍ୟରେ ଗର୍ଭପାତ ପଞ୍ଜୀକୃତ ସ୍ୱାସ୍ଥ୍ୟସେବା ସଂସ୍ଥାରେ କରାଇପାରିବେ। ଏଥିପାଇଁ ୧୯୭୧ ନିୟମାବଳୀର ନିୟମ-୫ରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ନିୟମ, ୧୯୭୧ ସ୍ୱାସ୍ଥ୍ୟସେବା ସଂସ୍ଥା ମାନଙ୍କୁ ପଞ୍ଜୀକୃତ କରିବା ପାଇଁ ବ୍ୟବସ୍ଥା ରହିଛି। ଗର୍ଭପାତ ଆଇନକୁ ଅଧିକ କୋହଳ କରି ୨୦ସପ୍ତାହ ମଧ୍ୟରେ ଗର୍ଭପାତ କରିବା ପାଇଁ ବ୍ୟବସ୍ଥାକୁ ୨୪ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଏକ ବିଲ ରାଜ୍ୟସଭାରେ ସ୍ଥଗିତ ହୋଇ ରହିଛି। ବର୍ତ୍ତମାନ ପରିସ୍ଥିତିରେ ମହିଳାମାନେ ୨୦ସପ୍ତାହ ପରେ ଜଟିଳ ଗର୍ଭପାତ କରିବାକୁ ହେଲେ ଅଦାଲତର ଅନୁମତି ନେବାକୁ ପଡୁଅଛି। ଅନେକ ସମୟରେ ବିଳମ୍ବିତ ଓ ଜଟିଳ ନ୍ୟାୟ ପ୍ରକ୍ରିୟାରେ ତୁରନ୍ତ ଅଦାଲତରୁ ଅନୁମତି ପାଇବା କଷ୍ଟଦାୟକ ହୋଇଥାଏ। ସେହିପରି ଗର୍ଭନିରୋଧକ ପଦ୍ଧତି ବ୍ୟାପକ ଭାବେ ଉପଲବ୍ଧ କରାଯାଇ ଅନିଚ୍ଛାକୃତ ଗର୍ଭଧାରଣ ରୋକାଯାଇପାରିବ।

୧୯୭୧ ମସିହାରେ ସରକାରୀସ୍ତରରେ ପ୍ରଥମ କରି ଟର୍ମିନେସନ୍ ଅଫ୍ ପ୍ରେଗନାନ୍‌ସି ଆକ୍ଟ ବଳରେ ଗର୍ଭପାତକୁ ବୈଧ କରାଗଲା। ଯାହାର ମୂଳଲକ୍ଷ୍ୟ ଥିଲା ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା। ସେହିପରି ସ୍ୱାସ୍ଥ୍ୟଗତ ଦିଗକୁ ଲକ୍ଷ୍ୟ କରି ସନ୍ତାନ ଜନ୍ମ ମାଆର ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ଏହି ଏମ୍‌ଟିପି ନିୟମ ସହାୟତାରେ ମଧ୍ୟ ଗର୍ଭପାତ କରାଯାଉଥିଲା। ଯାହାଦ୍ୱାରା ଅସୁରକ୍ଷିତ ଗର୍ଭପାତ ଜନିତ ମାତୃମୃତ୍ୟୁହାରକୁ ହ୍ରାସ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାସ୍ଥ୍ୟଗତ ଦିଗକୁ ଗୁରୁତ୍ୱ ଦିଆଯାଉଥିଲା। ଏହା ବ୍ୟତୀତ କେତେକ ଦୁଃସ୍ଥିତିର ଶିକାର ହୋଇ ଧର୍ଷଣର ଭୟାବହତାକୁ ସାମ୍ନା କରିଥିବା ମହିଳାମାନେ ଅବାଞ୍ଛିତ ଗର୍ଭଧାରଣ କରିଥିବାରୁ ଆଇନ ବଳରେ ଗର୍ଭପାତ କରାଯାଇ ପାରୁଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଗର୍ଭପାତ ବ୍ୟାପକ ଭାବରେ ବଢ଼ି ଚାଲିବାରୁ କେବଳ ଚିକିତ୍ସା ମହଲ ନୁହେଁ ସରକାରୀ ଓ ବେସରକାରୀ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଲା। ତେବେ ପ୍ରଥମ କଥା ହେଉଛି ଅବୈଧ ଗର୍ଭପାତ କ'ଣ ପାଇଁ ଘଟିଥାଏ ? କୁମାରୀ ମାତୃତ୍ୱ ହେଉ ବା ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟା। ଏହି ଦୁଇଟି ପ୍ରସଙ୍ଗ ଆମର ଆଜିର ସମାଜ ପାଇଁ ଏକ ଚିନ୍ତାଜନକ ଓ ଉଦ୍‌ବେଗଜନକ ପ୍ରସଙ୍ଗ। ବର୍ତ୍ତମାନ ସୂଚନା ପ୍ରଯୁକ୍ତିର ଯୁଗରେ ମହିଳାମାନେ ପୁରୁଷଙ୍କ ସହ ସମକକ୍ଷ ହୋଇ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରୁଛନ୍ତି। ତେବେ ଏହି ସୂଚନା ପ୍ରଯୁକ୍ତିର ବାହାନା ଭିତରେ କେତେକ ଯୁବକଯୁବତୀ ସଠିକ୍ ଦିଗ୍‌ଦର୍ଶନ ନପାଇ ଲୁଚାଚୋରା ଭାବେ ଯେଉଁ ଅମଡ଼ା ବାଟରେ ଚାଲିଥାନ୍ତି ତାହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଦୁଃଖଦ ଘଟଣା ରଖିଥାଏ। ଏପରିକି ଖୁବ୍ କମ୍ ବୟସରେ ଗର୍ଭବତୀ ହୋଇଥିବାରୁ କୁମାରୀ ମାତୃତ୍ୱ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ କ୍ଷେତ୍ରର ଏହା ପ୍ରଭାବ ପକାଉଥିବାରୁ ପରବର୍ତ୍ତୀ ସମୟରେ ଏହି କୁମାରୀ ମାତୃତ୍ୱମାନେ ଚିର ଦିନ ପାଇଁ ମାଆ ହେବାର ସୌଭାଗ୍ୟ ହରାଇଥାନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ସ୍ତ୍ରୀ ଓ ପ୍ରସୂତୀ ଚିକିତ୍ସକଙ୍କ ସଂଖ୍ୟା କମ୍ ରହୁଥିବାରୁ ସେଠାରେ ସେମାନେ ଚିକିତ୍ସା ସୁଯୋଗ ନପାଇ ଅନେକ ଯନ୍ତ୍ରଣାର ଶିକାର ହୋଇଥାନ୍ତି। କେବଳ ଗ୍ରାମାଞ୍ଚଳ ନୁହେଁ ଆଜି ବି ଅନେକ ଆଦିବାସୀ ମୂଳକରେ ଗୁଣୀଟୁଣି ଓ ଜଡ଼ିବୁଟିର ସହଯୋଗ ନିଆଯାଉଥିବାରୁ କୁମାରୀ ମାଆଟିର ସ୍ୱାସ୍ଥ୍ୟଅବସ୍ଥା ସଙ୍କଟାପନ୍ନ ହୋଇ ଗୁରୁତର ଭାବରେ ବହୁ ବିଳମ୍ବରେ ସରକାରୀ ଡାକ୍ତରଖାନାକୁ ଆସିଥିବା ସମୟକୁ ନେଡି ଗୁଡ଼ କହୁଣୀକୁ ବୋହିଗଲାପରି ସେମାନଙ୍କ ଜୀବନ ରକ୍ଷା କରିବା କାଠିକର ପାଠ ହୋଇଥାଏ। ଏହି କୁମାରୀ ମାତୃତ୍ୱ ପାଇଁ ମୂଲ୍ୟବୋଧର ଅବକ୍ଷୟ ହେଉ ବା ବିଶୃଙ୍ଖଳା, ଭ୍ରଷ୍ଟାଚାର ହେଉ ବା ନୈତିକତାର ଅଧଃପତନ ପରି କାରଣ ସବୁ ଦାୟୀ।

ସମାଜରେ ଲିଙ୍ଗ ଅନୁପାତର ଅସମାନତା ପାଇଁ ଅବୈଧ ଗର୍ଭପାତ ଦାୟୀ। ଗର୍ଭରେ ଥିବା ପିଲାଟିର ଲିଙ୍ଗ ଜାଣିବା ପାଇଁ ଆଜିକା ସମୟରେ ଅନେକ ସଚେତନତା ହୋଇଥିଲେ ବି ତଥାପି ଅନେକ ମାନଙ୍କ କ୍ଷେତ୍ରରେ ଯେଉଁ ଉତ୍ସୁକତା ରହିଥାଏ ତାହା ଏକ ଦୁଃଖଦ ପ୍ରସଙ୍ଗ। ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ୟୁରୋପରେ କନ୍ୟାଭ୍ରୁଣ ହତ୍ୟା କରୁଥିବା ଦମ୍ପତିଙ୍କ ସଂଖ୍ୟା ପ୍ରତି ହଜାରେ ନବେ ଥିଲାବେଳେ ଋଷରେ ୬୮ ଓ ଅଷ୍ଟ୍ରେଲିଆରେ ୨୨ କିନ୍ତୁ ଭାରତରେ ଏ ସଂଖ୍ୟା ଯଥେଷ୍ଟ ଅଧିକ। ପ୍ରତିବର୍ଷ ଆମ ଭାରତରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ କନ୍ୟାଭ୍ରୁଣ ହତ୍ୟା ଜଣାନ୍ତରେ ହେଉ ବା ଲୁଚାଛପାରେ ହେଉଛି। କେବଳ ଗ୍ରାମାଞ୍ଚଳ ନୁହେଁ ଅଧିକ ପାଠୁଆ ଓ ବଡ଼ ପରିବାର କୁହାଯାଉଥିବା ସହରାଞ୍ଚଳରେ ଏ ସଂଖ୍ୟା ବେଶୀ। ୨୦୦୩ ମସିହାରୁ ଭାରତରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ ତତ୍‌ଜନିତ ବିଜ୍ଞାପନକୁ ବେଆଇନ ଘୋଷଣା କରିବା ସହ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଯେଉଁ ବିଶେଷଜ୍ଞ ଚିକିତ୍ସକମାନେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ନଷ୍ଟରେ ସାହାଯ୍ୟ କରିଥାନ୍ତି ସେମାନଙ୍କୁ ଭାରତୀୟ ପିଙ୍ଗଳ କୋର୍ଡ଼ର ୩୧୨, ୩୧୩, ୩୧୬ ଓ ୩୧୮ ଧାରା ଅନୁଯାୟୀ ଦଣ୍ଡ ପ୍ରଦାନ କରାଯାଇଥାଏ। ଭ୍ରୁଣର ଲିଙ୍ଗ ନିରୂପଣ ପରୀକ୍ଷାକୁ ବନ୍ଦ କରିବା ପାଇଁ ସରକାରୀ ସ୍ତରରେ ରହିଥିବା ପ୍ରି-ନାଟାଲ ଡାୟଗ୍ନୋଷ୍ଟିକ ଟେକନିକ୍ ଆଇନ ଆଜି ପର୍ଯ୍ୟନ୍ତ ସଠିକ୍ ଭାବେ କାର୍ଯ୍ୟ କରିପାରୁନାହିଁ। ଏ କ୍ଷେତ୍ରରେ ଜନ ଅସଚେତନତା ଦାୟୀ। ଭାରତ ପରି ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଓ ବିକାଶଶୀଳ ପ୍ରମୁଖ ରାଷ୍ଟ୍ର ମାନ୍ୟତା ପାଇଥିବା ଏହି ସର୍ବବୃହତ୍ତ ରାଷ୍ଟ୍ରରେ ବିଭିନ୍ନ ସମୟରେ ପରମ୍ପରା ଜନିତ ଅନ୍ଧବିଶ୍ୱାସ, ଆର୍ଥିକ ଦୁଃସ୍ଥିତି, କେତେକ ସାମାଜିକ ବିଡ଼ମ୍ବିତ ବିଧି ବ୍ୟବସ୍ଥା, ମହିଳାମାନଙ୍କ ପ୍ରତି ପ୍ରତିକୂଳ ଚିନ୍ତନ ପରି କାରଣ କନ୍ୟାଭ୍ରୁଣ ହତ୍ୟାକୁ ପ୍ରୋତ୍ସାହିତ କରୁଛି। ଆଜି କୌଣସି କ୍ଷେତ୍ରରେ ଝିଅଟି ପୁଅ ଠାରୁ ବି କମ୍ ନୁହେଁ। କେତେକ କ୍ଷେତ୍ରରେ ଝିଅମାନେ ଘର ସଂସାର ନ କରି ନିଜର ବାପା ମାଆଙ

କିଟ୍ ଟିବିଆଇକୁ ନ୍ୟାସ୍‌ନାଲ୍ ଇଣ୍ଟେଲେକ୍‌ଚ୍ୟୁଆଲ୍ ପ୍ରପର୍ଟି ପୁରସ୍କାର



ଭୁବନେଶ୍ୱର,(ପି.ଏନ): କିଟ୍ ଟିବିଆଇକୁ ୨୦୨୧ ଓ ୨୦୨୨ ଲଗାତାର ଦୁଇ ବର୍ଷ ପାଇଁ ନ୍ୟାସ୍‌ନାଲ୍ ଇଣ୍ଟେଲେକ୍‌ଚୁଆଲ୍ ପ୍ରପର୍ଟି ପୁରସ୍କାର ପ୍ରଦାନ କରାଯାଇଛି । ପେଟେଣ୍ଟ, ଡିଜାଇନ୍ ଓ ଟ୍ରେଡ୍‌ମାର୍କ (ସିଜିପିଡିଟିଏମ୍) କଣ୍ଟ୍ରୋଲ୍ ଜେନେରାଲ୍ କାର୍ଯ୍ୟାଳୟ ଦ୍ୱାରା ଆରମ୍ଭ କରାଯାଇଥିବା 'ବେଷ୍ଟ ଇନ୍‌କ୍ୟୁବେଟର୍ ଫର୍ ନର୍ଚରିଂ ଦ ଆଇପି' ବର୍ଗରେ କିଟ୍ ଟିବିଆଇକୁ ଏହି ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ଆଜି ନୂଆଦିଲ୍ଲୀର ଡ. ଆମ୍ବେଦକର ଇଣ୍ଟରନ୍ୟାସ୍‌ନାଲ୍ ସେଣ୍ଟରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ, ଡିପିଆଇଆଇଟିର ସଚିବ ଅନୁରାଗ ଜୈନ, ଡିପିଆଇଆଇଟି ଆଇପିଆର୍‌ର ଯୁଗ୍ମ ସଚିବ ଶ୍ରୁତି ସିଂହ ଏବଂ ସିଜିପିଡିଟିଏମ୍‌ର ପ୍ରଫେସର ଉନ୍ନତ ପି ପଣ୍ଡିତଙ୍କ ଉପସ୍ଥିତିରେ କିଟ୍ ଟିବିଆଇର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମୃତ୍ୟୁଞ୍ଜୟ ସୁଆର ଏହି ପୁରସ୍କାର ଗ୍ରହଣ କରିଥିଲେ । କିଟ୍ ଟିବିଆଇକୁ ଏହି ସମ୍ମାନ ମିଳିଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଫେସର ସୁଆରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ନିର୍ବାଚନ ଯାଏଁ ଏସ୍‌ଏଚ୍‌ଜି ଗ୍ରୁପର ବ୍ୟାଙ୍କ ଆକାଉଂଟକୁ ଫ୍ରିଜ କରାଯାଉ : ବିଜେପି

ଭୁବନେଶ୍ୱର,(ପି.ଏନ): ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସ୍ୱୟଂସହାୟକ ଗୋଷ୍ଠୀଙ୍କ (ଏସ୍‌ଏଚ୍‌ଜି) ସହାୟତାରେ ଅନୈତିକ ଉପାୟରେ ବ୍ୟାପକ ଟଙ୍କା ବାଂଟୁଛି ଶାସକ ବିଜେଡି । ଧାମନଗର ଉପନିର୍ବାଚନରେ ମଧ୍ୟ ସମାନ ପନ୍ଥା ଆପାଣାଇଥିବା ଶାସକ ବିଜେଡି ଏସ୍‌ଏଚ୍‌ଜି ଗ୍ରୁପ ମାଧ୍ୟମରେ ଟଙ୍କା ବାଂଟିବାର ପ୍ରୟାସ ଆରମ୍ଭ କରିଦେଇଛି ବିଜେଡି । ଏହା ଦ୍ୱାରା ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଆଦୌ ସମ୍ଭବ ନୁହେଁ । ତେଣୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ଯାଏଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଏସ୍‌ଏଚ୍‌ଜି ଗ୍ରୁପର ବ୍ୟାଙ୍କ ଆକାଉଂଟକୁ ଫ୍ରିଜ କରାଯିବାକୁ ବିଜେପି ତରଫରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାବି କରାଯାଇଛି । ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟିଛନ୍ତି ।

ରାଜ୍ୟପାଳଙ୍କ କେନ୍ଦୁଝର ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉଦ୍‌ବୋଧନ

କେନ୍ଦୁଝର, (ପି.ଏନ): ଛାତ୍ରଛାତ୍ରୀମାନେ କାହାକୁ ଅନୁକରଣ କରନି, ନିଜସ୍ୱ ଗୁଣରେ ଅନନ୍ୟ ହୁଅ ବୋଲି ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ଚଳିତ ଅକ୍ଟୋବର ୧୭ ତାରିଖ ସୋମବାର ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦିନିକିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ସଦର ବ୍ଲକ୍ ଅନ୍ତର୍ଗତ ଡିମ୍ବୋ ଗ୍ରାମ ସ୍ଥିତ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିବା ସହିତ ଉଦ୍‌ବୋଧନ ଛଳରେ ଛାତ୍ରଛାତ୍ରୀମାନଙ୍କୁ ଏହି ଆହ୍ୱାନ ଦେଇଥିଲେ । ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ତୁମର କୌଣସି ବିକଳ୍ପ ନାହିଁ । ତୁମେ ନିଜସ୍ୱ ଗୁଣରେ ପୃଥିବୀକୁ ଆସିଅଛ । ଏଣୁ କାହାରିକୁ ଅନୁକରଣ ନକରି ନିଜ ଭିତରେ ଥିବା ଶକ୍ତି, ସାମର୍ଥ୍ୟ ଓ ପ୍ରତିଭାକୁ ଉପଯୋଗ କରି ନିଜକୁ ପ୍ରତିଷ୍ଠିତ କର । ଏହି ମର୍ମରେ ପିତାମାତା / ଅଭିଭାବକ ଏବଂ ଶିକ୍ଷକ ସମାଜକୁ ରାଜ୍ୟପାଳ କହିଥିଲେ ଯେ ଶିଶୁମାନଙ୍କ ଉପରେ କୌଣସି ସ୍ୱପ୍ନ ଓ ବୋଝ ଲଦି ଦିଅନ୍ତୁ ନାହିଁ । ପିଲାମାନଙ୍କୁ ମୁକ୍ତ ଭାବରେ ସ୍ୱାଭାବିକ ଢଙ୍ଗରେ ବିକଶିତ ହେବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରନ୍ତୁ । ପୁନଶ୍ଚ ମାନ୍ୟବର ରାଜ୍ୟପାଳ କହଥିଲେ ଯେ ଭାରତୀୟ ଧର୍ମ ଓ ସଂସ୍କୃତିର ପରମ୍ପରା ହେଲା – ସମସ୍ତଙ୍କୁ ଭଲ ପାଇବା, ସମସ୍ତଙ୍କୁ ସ୍ୱୀକାର କରିବା ଏବଂ ସମସ୍ତଙ୍କୁ ସମ୍ମାନ ଦେବା । ପ୍ରକୃତି ହେଉଛି ସବୁଠୁ ବଡ ଗୁରୁ-ଭଗବାନ ସଦୃଶ । ଏଣୁ ପ୍ରକୃତି କୋଳରେ ସମସ୍ତେ ସାମିଲ୍ ହେବା ବିଧେୟ । ପିଲାମାନଙ୍କୁ ଉପଦେଶ ଦେଇ ରାଜ୍ୟପାଳ କହିଥିଲେ ଯେ ସେମାନେ ପ୍ରକୃତିରୁ ଶିକ୍ଷା ଲାଭ କରନ୍ତୁ । ପ୍ରକୃତି ସହିତ ସଂଲଗ୍ନ ରହିଲେ ନିଜର ମାନସିକ ଓ ବୌଦ୍ଧିକ ବିକାଶ ସହଜରେ ସୁଗମ ହୋଇପାରିବ ଏବଂ ପ୍ରକୃତି ସହିତ ସହବସ୍ଥାନ ହିଁ ଆଜିର ଆବଶ୍ୟକତା । ଉଦ୍‌ବୋଧନ ଛଳରେ ରାଜ୍ୟପାଳ କହିଥିଲେ ଯେ ଆମେ ସମସ୍ତେ ଆଦିଶକ୍ତିଙ୍କ ଅଂଶବିଶେଷ । ଏଣୁ ଆମ ଭିତରେ ସମାନତା ରହିବା ଅପରିହାର୍ଯ୍ୟ । ଆମେ ଏକ ଓ ଅଭିନ୍ନ । ଆମେ ଗୋଟିଏ ଉତ୍ସରୁ ଆସିଅଛେ । ଏହି ଭାବଧାରାକୁ ଆଧାର କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବତାବାଦକୁ ପାଥେୟ କଲେ ବିଶ୍ୱ ଶାନ୍ତି ପ୍ରତିଷ୍ଠା ହୋଇପାରିବ ଏବଂ ସମୃଦ୍ଧିର ପଥ ବିକଶିତ ହେବ ବୋଲି କହିଥିଲେ । ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ରାଜ୍ୟପାଳ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ସମାଜ, ପୁରାତନ ଛାତ୍ରଛାତ୍ରୀ ତଥା ଅଂଚଳବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ସ୍ମରଣିକା – 'ସ୍ୱର୍ଣ୍ଣକାନ୍ତି' ରାଜ୍ୟପାଳଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା । ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ୧୯୬୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ଡିମ୍ବୋ ଅଂଚଳରେ ଶିକ୍ଷାର ଆଲୋକବର୍ତ୍ତିକା ସାଜିଛି ଏବଂ ମଣିଷ ତିଆରି କାରଖାନାରେ ପରିଣତ ହୋଇଛି । ଇତି ମଧ୍ୟରେ ଅନୁଷ୍ଠାନର ବିକାଶ ସାଧିତ ହୋଇଛି । ଭିତିଭୂମିର ଅଧିକ ବିକାଶ ସହ ଗୁଣାତ୍ମକ ଶିକ୍ଷାର ବିକାଶ ଜରୁରୀ । ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସାମଗ୍ରିକ ବିକାଶ ପାଇଁ ପ୍ରେରଣା ଯୋଗାଇବ ବୋଲି ବିଧାୟକ ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ । ପୁରାତନ ଛାତ୍ରସଂଘର ସଭାପତି ଦୁର୍ଯ୍ୟୋଧନ ସାହୁ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ସଂପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ମହାନ୍ତ ଏହି ସମାରୋହରେ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟପାଳଙ୍କୁ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ତରଫରୁ ସଂବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ସମ୍ମାନିତ ଅତିଥି କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତୀତ ବିଦ୍ୟାଳୟର ୫ ଜଣ ପ୍ରାକ୍ତନ ଶିକ୍ଷକଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ସଂଘର ସଂପାଦକ କଳ୍ପତରୁ ସାହୁ ସଂବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ଏବଂ ଏହା ଚଳିତ ଅକ୍ଟୋବର ୧୮ ତାରିଖ ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

ଯାଜପୁର ଜିଲ୍ଲାର କନିଷ୍ଠ ଯନ୍ତ୍ରୀ ହେଲେ ବିଡିସିଡିଏ ସଂପାଦକ, ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସଭାପତିଙ୍କ ଘୋର ବିରୋଧ

ଭଦ୍ରକ, (ପି.ଏନ): ଅନୈତିକ ଉପାୟରେ ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗ ଅଧିନରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ଆଚାର୍ଯ୍ୟ, ସରକାରଙ୍କ ଜ୍ଞାତସାରରେ ଚାକିରୀରେ ଥାଇ ଦୀର୍ଘ ୧୫ ବର୍ଷ ଧରି ଭଦ୍ରକ ଜିଲ୍ଲା ଔଷଧ ବ୍ୟବସାୟୀ ସଂଘ(ବିଡିସିଡିଏ)ର ସଂପାଦକ ଭାବେ କାର୍ଯ୍ୟ ତୁଲାଇ ଆସିବା ସହ ସଂଘର ଅର୍ଥ ହେରଫେର ମାମଲାରେ ଜଡ଼ିତ ଅଛନ୍ତି । ସରକାରୀ ନିୟମ ଅନୁସାରେ ସରକାରୀ ଚାକିରୀ କରୁଥିବା କୌଣସି ବ୍ୟକ୍ତି ଅର୍ଥ କାରବାର ହେଉଥିବା କୌଣସି ବେସରକାରୀ ସଂସ୍ଥାରେ କାମ କରି ପାରିବେ ନାହିଁ । କିନ୍ତୁ ଶ୍ରୀ ଆଚାର୍ଯ୍ୟ ସରକାରଙ୍କ ପଂଚାୟତରାଜ ବିଭାଗରେ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥାଇ ମଧ୍ୟ ଭଦ୍ରକ ଔଷଧ ବ୍ୟବସାୟୀ ସଂଘ(ବିଡିସିଡିଏ)ର ସଂପାଦକ ପଦବୀକୁ ମାଡ଼ି ବସିଛନ୍ତି ଓ ବହୁ ଆର୍ଥୀକ ଅନିମୟମିତାରେ ଲିପ୍ତ ରହିଛନ୍ତି ବୋଲି ଆଜି ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଡିସିଡିଏର ପୂର୍ବତନ ସଭାପତି ରଂଜନ ସ୍ୱାଇଁ ଅଭିଯୋଗ କରିଛନ୍ତି । ଶ୍ରୀ ଆଚାର୍ଯ୍ୟ ଗତ ସେପ୍ଟେମ୍ବର ୪ ତାରିଖ ଦିନ ଜିଲ୍ଲା ବିଡିସିଡିଏ ସଂଘ ଗୃହରେ ଏକ ବୈଠକ ଆହୂତ କରିଥିଲେ । ଯେଉଁ ବୈଠକରେ ଶ୍ରୀ ଆଚାର୍ଯ୍ୟଙ୍କ ବିଭିନ୍ନ ଅନୈତିକ କାର୍ଯ୍ୟକୁ ଶ୍ରୀ ସ୍ୱାଇଁ ବିରୋଧ କରିଥିଲେ । ଉକ୍ତ ବୈଠକ ଡାକିବାର କୌଣସି ଅଧିକାର ତାଙ୍କର ନାହିଁ ବୋଲି ସେ କହିଥିଲେ । ବର୍ତ୍ତମାନ ଶ୍ରୀ ଆଚାର୍ଯ୍ୟଙ୍କର କୌଣସି ଔଷଧ ଦୋକାନ ଓ ଭେଲିଡ ଡ୍ରଗ ଲାଇସେନ୍ସ ନାହିଁ । ଏହା ସତ୍ତ୍ୱେ କେତେକ ଅନୁଗତ ସଭ୍ୟମାନଙ୍କୁ ହାତବାରିସି କରି ନିଜକୁ ପୁନର୍ବାର ସଂଘର ସଂପାଦକ ଭାବେ ଅଧିଷ୍ଠିତ କରିବାକୁ ମସୁଧା କରିଥିଲେ । ସେହି ଅନୁଯାୟୀ ଆସନ୍ତା ଅବଧି ୨୦୨୨ରୁ ୨୫ ପାଇଁ ସଂଘର ନାମକୁ ମାତ୍ର ନିର୍ବାଚନ କରାଇ ନିଜକୁ ପୁନର୍ବାର ସଂପାଦକ ଭାବେ ଉପସ୍ଥାପିତ କରି ଏଥିରେ ସଫଳ ହୋଇଛନ୍ତି । ନିଜର କେତେକ ଅନୁଗତ ଓ ବାହୁବଳୀ ସମର୍ଥକଙ୍କ ସହାୟତାରେ ଶ୍ରୀ ଆଚାର୍ଯ୍ୟ ଅନ୍ୟ କୌଣସି ସଭ୍ୟଙ୍କୁ ପ୍ରତିଦ୍ୱନ୍ଦିତାର ସୁଯୋଗ ନ ଦେଇ ନିଜକୁ ପୁନର୍ବାର ସଂପାଦକ ପଦବୀରେ ଅଧିଷ୍ଠିତ କରିଛନ୍ତି । ଏଠାରେ ଶ୍ରୀ ସ୍ୱାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମାଧ୍ୟମରେ ଶ୍ରୀ ଆଚାର୍ଯ୍ୟ ଦୀର୍ଘ ବର୍ଷ ଧରି ସଂଘର ସଂପାଦକ ରହି ସଂଘର ଅର୍ଥ ଆତ୍ମସାତ ଓ ହେରଫେର କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଯାହାକି ଏବେ ମଧ୍ୟ ଭଦ୍ରକ କୋର୍ଟରେ ବିଚାରାଧିନ ରହିଛି । ଶ୍ରୀ ଆଚାର୍ଯ୍ୟ ଚାକିରି କରି ମଧ୍ୟ ନିଜ ନାମରେ ସରକାରଙ୍କ ଠାରୁ ଲାଇସେନ୍ସ ନେଇ ପୂର୍ବରୁ ଔଷଧ ବ୍ୟବସାୟ କରୁଥିଲେ । ଯାହାକୁ ଶ୍ରୀ ସ୍ୱାଇଁ ବିରୋଧ କରି ମାନ୍ୟବର ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମାନ୍ୟବର କୋର୍ଟ ଆଚାର୍ଯ୍ୟଙ୍କ ଲାଇସେନ୍ସ ରଦ୍ଦ କରିବା ପାଇଁ ଡ୍ରଗ୍ କଂଟ୍ରୋଲରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡ୍ରଗ୍ କଂଟ୍ରୋଲର ଆଚାର୍ଯ୍ୟଙ୍କ ପାର୍ଟନରସିପ ଲାଇସେନ୍ସରୁ ତାଙ୍କ ନାମକୁ ସସପେଣ୍ଡ କରିଥିଲେ ।

ଅଷ୍ଟ୍ରେଲିଆର ପ୍ରବାସୀ ଓଡ଼ିଆଙ୍କ ତରଫରୁ ଓରିଓଜ ସ୍ପୋର୍ଟସ୍ ଫେଷ୍ଟ-୨୦୨୨ ଆୟୋଜନ

କାନବେରା,(ପି.ଏନ): ଅଷ୍ଟ୍ରେଲିଆର ଓଡ଼ିଆ ଅଧିବାସୀମାନେ ନିକଟରେ ମହା ଆନନ୍ଦ, ପ୍ରବଳ ଉତ୍ସାହ ଓ ଅସୀମ ଉଦ୍ଦୀପନା ମଧ୍ୟରେ ରାଜଧାନୀ କାନବେରାଠାରେ ଓରିଓଜ ସ୍ପୋର୍ଟସ୍ ଫେଷ୍ଟ-୨୦୨୨ ପାଳନ କରିଥିବା ଜଣାଯାଇଛି । କ୍ରୀଡ଼ାରେ ପାରଦର୍ଶିତା ଏବଂ ଓଡ଼ିଆ ସଂସ୍କୃତିର ମହାନତାକୁ ଚମତ୍କାର ଢଙ୍ଗରେ ପ୍ରଦର୍ଶନ କରାଯାଇଥିବା, ଏହି ମହୋତ୍ସବକୁ ଦେଖିବା ଏବଂ ଏଥିରେ ଭାଗ ନେବା ପାଇଁ ଅଷ୍ଟ୍ରେଲିଆର ସମସ୍ତ ପ୍ରଦେଶରୁ ଶତାଧିକ ପ୍ରବାସୀ ଓଡ଼ିଆ ଆସିଥିବା ଦେଖାଯାଇଥିଲା । କୋଭିଡର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆ ଓଡ଼ିଆ ସମାଜ (ଓରିଓଜ) ଦ୍ୱାରା ଆୟୋଜିତ ଖେଳ ଓ ସଂସ୍କୃତିର ଏହି ଅନନ୍ୟ ଓ ଅପୂର୍ବ ମିଳନ କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ଓଡ଼ିଆ ସମ୍ପ୍ରଦାୟଙ୍କ ମଧ୍ୟରେ ଅହେତୁକ ଆଗ୍ରହ ଓ ଅସମ୍ଭବ ଉତ୍କଣ୍ଠା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଥିଲା । ଓରିଓଜ ର ସଭାପତି ଡଃ ନଳିନୀ ପତି ଓ କ୍ୱିନସଲ୍ୟାଣ୍ଡର ସମ୍ମିତ ଦାସଙ୍କ ଦ୍ୱାରା ପରିକଳ୍ପିତ ଏହି ସମାରୋହ, ଖେଳ ଜରିଆରେ ଶାରୀରିକ ସୁସ୍ଥତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମାନସିକ ସନ୍ତୁଷ୍ଟିକୁ ସରସ, ସତେଜ ଓ ସବଳ ରଖିବା ସକାଶେ ଉଦ୍ଦିଷ୍ଟ ଥିଲା । ଦୁଇ ଦିନିଆ ଓରିଓଜ ସ୍ପୋର୍ଟସ୍ ଫେଷ୍ଟ ଅଷ୍ଟ୍ରେଲିଆସ୍ଥିତ ପ୍ରବାସୀ ଓଡ଼ିଆ ମାନଙ୍କ ମଧ୍ୟରେ ବେଶ ଲୋକପ୍ରିୟ ହେବା ସାଙ୍ଗକୁ ବ୍ୟାପକ ସଫଳତା ହାସଲ କରିଥିବାର ଖବର ମିଳିଛି ।ଉତ୍ସବର ପ୍ରାରମ୍ଭରେ ଅଷ୍ଟ୍ରେଲିଆ କ୍ୟାପିଟାଲ ଟେରିଟୋରୀ (ଏ.ସି.ଟି) ଏବଂ ନିୟୁ ସାଉଥ ୱେଲସ (ଏନ.ଏସ୍.ଡବ୍ଲ୍ୟୁ) ମଧ୍ୟରେ ଓରିଓଜର ଯୁବ ଖେଳାଳିମାନଙ୍କ ଦ୍ୱାରା ଗାଉରୀ ଓଭାଲ ଠାରେ ଏକ ମଜାଦାର ତଥା ପ୍ରତିଦ୍ୱନ୍ଦୀ ଟି୨୨ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶାଶ୍ୱତ ପତିଙ୍କ ଅଧିନାୟକତ୍ୱରେ ଏ.ସି.ଟି, ଆଭାନ୍ସ ଅସିତାଭ ନାୟକଙ୍କର ନେତୃତ୍ୱାଧୀନ ଏନ. ଏସ୍. ଡବ୍ଲ୍ୟୁ ଟିମକୁ ମାତ୍ର ଗୋଟିଏ ରନରେ ପରାଜିତ କରିବାର ଦୃଶ୍ୟ ବେଶ ରୋମାଞ୍ଚକର ଥିଲା । କ୍ରୀଡା ଉତ୍ସବର ଦ୍ୱିତୀୟ ଦିନର ମୁଖ୍ୟ ଆକର୍ଷଣ ଅଷ୍ଟ୍ରେଲିଆନ ଓପନ ୟୁନିଭର୍ସିଟି ସ୍ପୋର୍ଟସ ଆରେନାଠାରେ ଆୟୋଜିତ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଥିଲା । ଲିଗ ପର୍ଯ୍ୟାୟ ଠାରୁ ଆରମ୍ଭ କରି ଚୂଡ଼ାନ୍ତ ପ୍ରତିଯୋଗୀତା ପର୍ଯ୍ୟନ୍ତ ଖେଳା ଯାଇଥିବା ଏହି ଟୁର୍ଣ୍ଣାମେଣ୍ଟ ଅତ୍ୟନ୍ତ ପେଶାଦାରୀ ଓ ଖେଳୁଆଡ ମନୋଭାବ ସମ୍ପନ୍ନ ଥିଲା । ଫଳାଫଳ ଅନୁଯାୟୀ ମେନ୍ସ ଡବଲସରେ ସମ୍ମିତ ଦାସ ଓ ଧରମତେଜା ମାନସିଂହ ବିଜୟୀ ତଥା ଦେବାଶିଷ ଚୌଧୁରୀ ଓ ଅନେଶ ମହାପାତ୍ର ରନରସପ୍ ହୋଇଥିଲେ । ମିକ୍ସଡ ଡବଲସରେ ସମ୍ମିତ ଦାସ ଓ ଚିନ୍ମୟୀ ମହାନ୍ତିଙ୍କୁ ହରାଇ ଧରମତେଜା ମାନସିଂହ ଏବଂ ଆକାଂକ୍ଷା ମିଶ୍ର ବିଜୟୀ ଘୋଷିତ ହୋଇଥିଲେ । ମହିଳା ଡବଲସରେ ଚିନ୍ମୟୀ ମହାନ୍ତି ଓ ରାଧିକା ସ୍ୱାଇଁ ବିଜୟୀ ହୋଇଥିବା ବେଳେ ପ୍ରଜ୍ଞା ଜଗଦେବ ଏବଂ ମଧୁ ପାତ୍ର ରନରସଅପ୍ ହୋଇଥିଲେ । ଜୁନିଅର ଡବଲସରେ ମୁସ୍କାନ ଲେଙ୍କା ଓ ଶୁଭଶ୍ରୀ ପାତ୍ର, ଦୀପ୍ତିପ୍ରଭା ସାହୁ ଏବଂ ଆଲିସା ନାୟକଙ୍କୁ ହରାଇଥିବା ଜଣାଯାଇଛି । ଓରିଓଜର ସଭାପତି ଡଃ ନଳିନୀ ପତି ଓ ପୂର୍ବତନ ସଭାପତି ରାଜଶେଖର ଆଚାର୍ଯ୍ୟ ପୁରସ୍କାର ବିତରଣ କରିଥିଲେ । ଖ୍ୟାତନାମା ଖେଳାଳି ତଥା ଆନ୍ତର୍ଜାତୀୟ ସୁଟିଂ ଚମ୍ପିୟନ୍ ଶ୍ରୀୟଙ୍କା ଷଡ଼ଙ୍ଗୀ ଉପସ୍ଥିତ କ୍ରୀଡା ପ୍ରେମୀମାନଙ୍କୁ ତାଙ୍କର ପ୍ରେରଣା ଦାୟୀ ଭାଷଣରେ ମନ୍ତ୍ରମୁଗ୍ଧ କରିଦେଇଥିଲେ ।ଓରିଓଜ ସ୍ପୋର୍ଟସ ଫେଷ୍ଟ ଅବସରରେ ପିୟର୍ସ କମ୍ୟୁନିଟି ସେଣ୍ଟରଠାରେ ଓରିଓଜର ସଦସ୍ୟ ଓ ସଦସ୍ୟା ମାନଙ୍କ ଦ୍ୱାରା ମଞ୍ଚସ୍ଥ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ମନଲୋଭା ଥିଲା ଓ ଦେଖଣାହାରୀ ମାନଙ୍କୁ ପୁରାପୁରି ଅଭିଭୂତ କରିଦେଇଥିଲା । ବିଶେଷ କରି ଓରିଓଜର ବାଳ କଳାକାର ମାନଙ୍କ ଦ୍ୱାରା ସୁନ୍ଦର ଓ ସୁଲଳିତ କଣ୍ଠ ସ୍ୱରରେ ପରିବେଷିତ ଓଡ଼ିଆ ଭଜନ କି ସୁନ୍ଦର ଆହା କି ଆନନ୍ଦମୟ, ସାଂସ୍କୃତିକ ସନ୍ଧ୍ୟାର ସ୍ୱତନ୍ତ୍ର ଆକର୍ଷଣ ଥିଲା । ଶ୍ରୋତା ମାନଙ୍କ ଦ୍ୱାରା ଯଥେଷ୍ଟ ଆଦୃତ ଏହି ଭକ୍ତି ସଙ୍ଗୀତକୁ ତରୁଣ ଅଗସ୍ତି ନିର୍ଦ୍ଦେଶନା ଦେଇଥିଲେ । ଉତ୍ସବର ଅନ୍ୟାନ୍ୟ ସାଂସ୍କୃତିକ ଉପସ୍ଥାପନା ମଧ୍ୟରେ ପ୍ରତ୍ୟେକ ପ୍ରଦେଶର ସଦସ୍ୟ ମାନଙ୍କ ଦ୍ୱାରା ପ୍ରସ୍ତୁତ କୌତୁକପ୍ରଦ ଏବଂ ହୃଦୟସ୍ପର୍ଶୀ କାର୍ଯ୍ୟକ୍ରମ ମାନ ଅନ୍ତର୍ଭୁକ୍ତ ଥିଲା ।ସାଂସ୍କୃତିକ ଅଧିବେଶ

ଖେଳ

ସମ୍ପୂର୍ଣ୍ଣ ଦିନଟେର ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Wednesday October 19, 2022 ଭୁବନେଶ୍ୱର ବୁଧବାର, ଅକ୍ଟୋବର ୧୯,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ପାରାଦୀପ ତୈଳ ବିଶୋଧନାଗାରରେ ପୁଣି ତେଜିଲା ଅଶାନ୍ତି : ଶ୍ରମିକ ଶୋଷଣ ବିରୁଦ୍ଧରେ ବିକ୍ଷୋଭ

ପାରାଦୀପ,(ପି.ଏନ): ପାରାଦୀପ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ମନମାନୀ ଓ ଶ୍ରମିକ ଶୋଷଣ ନୀତି ଯୋଗୁଁ କମ୍ପାନୀ ପରିସରରେ ଶ୍ରମିକ ଅଶାନ୍ତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହିପରି ଭାବେ ବିଶୋଧନାଗାରରେ ବିଭିନ୍ନ ରକ୍ଷଣାବେକ୍ଷଣ ସଂସ୍ଥା ମାନଙ୍କରେ କାର୍ଯ୍ୟ କରୁଥିବା ୩ ହଜାରରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ଅବହେଳା ଓ ଶୋଷଣର ଶିକାର ହୋଇଥିବା ନେଇ ଅଭିଯୋଗ କରିଛି ଶ୍ରମିକ ନେତା ବାପି ସର୍ଖେଲଙ୍କ ନେତୃତ୍ୱାଧିନ ପାରାଦୀପ ଏରସମା ଶିଳ୍ପାଚଂଳ ଶ୍ରମିକ ସଂଘ । ଆଇଓସିଏଲ କତୃପକ୍ଷଙ୍କ ଏହି ଅନ୍ୟାୟ ବିରୁଦ୍ଧରେ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ସମିର ବିଶ୍ୱାଳ ଓ ସଂଗଠନ ସମ୍ପାଦକ ସୁରେଶ ସାହୁଙ୍କ ନେତୃତ୍ୱରେ ହଜାରରୁ ଉର୍ଦ୍ଧ ଶ୍ରମିକ ମଙ୍ଗଳବାର ଦିନ ସକାଳେ ଆଇଓସିଏଲ ମୁଖ୍ୟ ଫାଟକ ସମ୍ମୁଖରେ କଳାପତାକା ଦେଖାଇ ବିକ୍ଷୋଭ ପଦର୍ଶନ କରିଥିଲେ । ଶ୍ରମିକଙ୍କ ଦାବି ମଧ୍ୟରେ ଦୀର୍ଘ ଦିନର ଚୁକ୍ତିନାମାର ପୂର୍ନଃବାର ସ୍ୱାକ୍ଷର, ଶ୍ରମ ଆଇନ ଅନୁଯାୟୀ ପ୍ରତ୍ୟେକ ମାସର ୭ ରୁ ୧୦ ତାରିଖ ମଧ୍ୟରେ ଦରମା ପ୍ରଦାନ, ୨୦୨୧ ରୁ ଭାରତ ଶ୍ରମ ମନ୍ତ୍ରଣାଳୟ ଦ୍ୱାରା ସଂଶୋଧିତ ବର୍ଦ୍ଧିତ ବକେୟା ଦରମା, କୁଶଳୀ ଶ୍ରମିକଙ୍କୁ ନ୍ୟାର୍ଯ୍ୟ ପ୍ରାପ୍ୟ, କାର୍ଯ୍ୟରତ ଠିକା ଶ୍ରମିକ ଓ କର୍ମଚାରୀଙ୍କ ପାଇଁ କ୍ୟାଟିଂନ ଏବଂ ବିଶ୍ରାମଗାର ବ୍ୟବସ୍ଥା ଇତ୍ୟାଦି ଅନ୍ତର୍ଭୂକ୍ତ ।

ଗର୍ଭଣା ସଂକ୍ରାନ୍ତି ଅବସରରେ ସାମୁହିକ ସଂକୀର୍ତ୍ତନ

କୋଣାର୍କ,(ପି.ଏନ): ପବିତ୍ର ଗର୍ଭଣା ସଂକ୍ରାନ୍ତି ଅବସରରେ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀ ପକ୍ଷରୁ ସାମୁହିକ ହରିନାମ ସଂକୀର୍ତ୍ତନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୁରୁଷ ଓ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ନବଗ୍ରହ ଓ ଜଗନାଥ ମନ୍ଦିର ସମ୍ମୁଖରେ ସମୁହ ଦୀପଦାନ ଓ ହରିନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିବା ବେଳେ ନଗର ପରିକ୍ରମା କରିଥିଲେ । ଏଥିରେ ଶ୍ରୀ ଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଶଦ, ଓଡିଶା, କୋଣାର୍କ ଜୋନରେ ସାମିଲି ହୋଇଥିବା ୯ଟି ପଞ୍ଚାୟତ ଓ କୋଣାର୍କ ଏନଏସି ଅନ୍ତର୍ଗତ ୨୫ଟି ସଂକୀର୍ତ୍ତନ ମଣ୍ଡଳିର କର୍ମକର୍ତ୍ତାମାନେ ସାମିଲି ହୋଇ ହରିନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ । କାହିଁ କେଉଁ ଆବାହମାନ କାଳରୁ ସଂକୀର୍ତ୍ତନ ମାଧ୍ୟମରେ ଭଗବତ ସଂସ୍କୃତିର ପ୍ରଚାର ପ୍ରସାର ଏବେ ବି ଜନମାନସରେ ଉଦଜୀବିତ ହୋଇ ରହିଛି । ଏଠାରେ ସୂଚନା ଥାଉକି କଳିଯୁଗରେ ଭଗବତ ପ୍ରାପ୍ତିର ଶ୍ରେଷ୍ଠ ମାର୍ଗ ସଂକୀର୍ତ୍ତନକୁ ଗଣଚେତନା ଭିତରରେ ପହଞ୍ଚାଇବାରେ ଗ୍ରାମିଣ ସଂକୀର୍ତ୍ତନ ମଣ୍ଡଳିର ଅତୁଳନୀୟ ଭୁମିକା ଆବହମାନ କାଳରୁ ରହି ଆସିଛି । ଏହି ଲୋକକଳା ଯାହାକି ଆଧ୍ୟାତ୍ମିକ ମାର୍ଗରେ ଜୀବନକୁ ସଂଜତ, ଶୃଙ୍ଖଳିତ ଏବଂ ଈଶ୍ୱରାନୁରାଗୀ କରାଇବାରେ ପ୍ରମୁଖ ଭୁମିକା ଗ୍ରହଣ କରିଆସୁ ଅଛି । ଗର୍ଭଣା ସଂକ୍ରାନ୍ତିରେ ଏହି କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଅର୍କଶ୍ରୀ ସମ୍ପାଦକ ଉମେଶଚନ୍ଦ୍ର ସ୍ୱାଇଁଙ୍କ ଉଦ୍ୟମ ପ୍ରଶଂସନୀୟ ।

ସ୍ଥାୟୀ ନିଯୁକ୍ତିରେ ସରକାର ସଂରକ୍ଷଣ ଆଇନକୁ ଅନୁକରଣ କରିବାକୁ କଂଗ୍ରେସ ଅନୁସୂଚିତ ଜାତି ଓ ଅନୁସୂଚିତ ଜାତି ବିଭାଗର ଦାବି

ଭୁବନେଶ୍ୱର,(ପି.ଏନ): ନିକଟରେ ଓଡ଼ିଶା ସରକାର ବହୁତ ଦିନ ପୂର୍ବରୁ ଠିକା ଭାବରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ନିୟମିତ କର୍ମଚାରୀ କରିବା ପାଇଁ ଘୋଷଣା କରିଛନ୍ତି । ରାଜ୍ୟର ୫୭ ହଜାର ଠିକା କର୍ମଚାରୀ ନିୟମିତ ହେବାକୁ ଯାଉଥିବାବେଳେ ଠିକା ନିଯୁକ୍ତି ସମୟରେ ଏଥିରେ ସଂରକ୍ଷଣ ଆଇନ୍ ଅନୁସାରେ ନିଯୁକ୍ତି ହୋଇନଥିଲା । ନିୟମ ଅନୁଯାୟୀ ରାଜ୍ୟରେ ୩୯% ଦଳିତ ଆଦିବାସୀ ବର୍ଗର ଲୋକଙ୍କୁ ସଂରକ୍ଷଣ ସୁବିଧା ଦେବା ପାଇଁ ନିୟମ ଅଛି । ସେହି ଅନୁସାରେ ୫୭ହଜାର କର୍ମଚାରୀଙ୍କ ମଧ୍ୟରୁ ୨୨ ହଜାରରୁ ଉର୍ଦ୍ଧ୍ୱ ଦଳିତ ଆଦିବାସୀ ବର୍ଗର ଲୋକେ ସ୍ଥାୟୀ ନିଯୁକ୍ତି ପଦ ପାଇବା ପାଇଁ ହକ୍‌ଦାର କିନ୍ତୁ ସରକାର ଠିକା ନିଯୁକ୍ତି ସମୟରେ ସଂରକ୍ଷଣ ନିୟମକୁ ପାଳନ କରିନଥିବାରୁ ଏବେ ସେମାନଙ୍କ ମଧ୍ୟରୁ ୨୨ହଜାରରୁ ଉର୍ଦ୍ଧ୍ୱ ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ପଦ ପାଇବାପାଇଁ ହକ୍ ରୁ ବଂଚିତ ହେବେ। ବର୍ତମାନ ସୁଦ୍ଧା ୫୭ହଜାରରେ କେତେ ଦଳିତ ଆଦିବାସୀ ବର୍ଗର ଲୋକ ନିୟମିତପାଇଁ ହକ୍‌ଦାର ଅଛନ୍ତି ସରକାର ତାହା ସ୍ପଷ୍ଟ କରନ୍ତୁ । ଯଦି ଆବଶ୍ୟକୀୟ ପଦ ପାଇଁ ପ୍ରାର୍ଥୀ ଅଭାବ ଥାଏ ତେବେ ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ ସରକାର ତାହା ପୂରଣ କରନ୍ତୁ ବୋଲି ଆଜି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁସୂଚିତ ଜନଜାତି ବିଭାଗର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୁଜବଳ ମାଝି ଓ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା ଦଳିତ ଆଦିବାସୀ ବର୍ଗର ଲୋକଙ୍କୁ ହକ୍‌ରୁ ବଂଚିତ ନକରିବା ପାଇଁ ଦାବୀ କରିଛନ୍ତି । ଯଦି ସରକାର ସଂରକ୍ଷଣ ଆଇନ୍‌କୁ ଠିକ୍ ଭାବରେ କାର୍ଯ୍ୟକାରୀ ନକରି ମନଇଚ୍ଛା ସ୍ଥାୟୀ ନିଯୁକ୍ତି କରନ୍ତି ତେବେ କଂଗେସ୍ର ଅନସୂଚିତ ଜାତି ଓ ଜନଜାତି ରାଜରାସ୍ତାକୁ ଓହ୍ଲେଇବାକୁ ବାଧ ହେବେ ଓ ଆବଶ୍ୟକସ୍ଥଳେ ଆଇନ୍‌ର ଆଶ୍ରୟ ନେବ ବୋଲି ସରକାରଙ୍କୁ କଡ଼ା ଚେତାବନୀ ଦିଆଯାଇଛି । ସେହିପରି ସରକାରଙ୍କ ଘୋଷଣା ଅନୁଯାୟୀ ଏହି ଚୁକ୍ତିଭିତିକ ନିଯୁକ୍ତିରୁ ମୁକ୍ତ ହେବା ପରେ ବି ପରିସଂଖ୍ୟାନ ବାହାରେ ଆହୁରି ହଜାର ହଜାର କର୍ମଚାରୀ ଯେଉଁମାନେ ଠିକା କାମ କରୁଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନରେ ପ୍ରାୟ ୧୦ହଜାର, ପ୍ରାଥମିକ ସ୍କୁଲରେ ଜୁନିଅର ଶିକ୍ଷକ ଭାବେ ୧୩ ହଜାର, ଓପେପାରେ ୬ହଜାର, ଏପରିକି ୨୦୨୦ ମସିହାରେ ନୂଆ ଗ୍ରାଂଟ୍ ଇନ୍ ଏଡ୍ ପଲିସି କାର୍ଯ୍ୟରତ ଶିକ୍ଷକ ଓ ଅଧ୍ୟାପକ ବିଭିନ୍ନ ସରକାରୀ ଯୋଜନାରେ କାର୍ଯ୍ୟରତ କର୍ମଚାରୀ ଇତ୍ୟାଦିଙ୍କୁ ମିଶାଇଲେ ଏହି ସଂଖ୍ୟା ୫୦ହଜାରୁ ଉର୍ଦ୍ଧ୍ୱ ହେବ । ଏମାନଙ୍କ ପତ୍ର ସରକାର ମଧ୍ୟ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍ । ସେହିପରି ରାଜ୍ୟରେ ପ୍ରାୟ ୧ଲକ୍ଷରୁ ଅଧିକ କର୍ମଚାରୀ ଆଉଟ୍ ସୋର୍ସିଙ୍ଗ୍ ଭାବେ ବହୁତ କମ ଦରମାରେ କାମ କରୁଛନ୍ତି । ଚାକିରୀର ସ୍ଥାୟୀତ୍ୱ ନାହିଁ କି କର୍ମଚାରୀ ଭାବେ ସାମାଜିକ ନିରପତା ପାଇବାରୁ ବଂଚିତ ହେଉଛନ୍ତି । ଏମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯିବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତ ପକ୍ଷରୁ ଦାବୀ କରାଯାଇଛି ।

ସୁରେନ୍ଦ୍ର ଦାସଙ୍କ ପୁସ୍ତକ ସମୁହ ଉନ୍ମୋଚିତ

ବାଲେଶ୍ୱର ,(ପି.ଏନ): ନାରୀ ହିଁ ସବୁ ସ୍ଥିତି, ସଂହତି, ଶାନ୍ତି ଓ ସୌହାର୍ଦ୍ଦ୍ୟର ପ୍ରତୀକ। ସମାଜରେ ସେମାନଙ୍କର ଅବର୍ଣ୍ଣନୀୟ ଅବଦାନ ରହିଛି। ସେମାନେ ହିଁ ରଚନା କରିପାରନ୍ତି ଅମୃତମୟ ସଂସାର। ସବୁ ଦୁଃଖ ମଧ୍ୟରେ ସୁଖ, ଆନନ୍ଦର ଝରଣା ବୁଝାଇପାରନ୍ତି। ସୋମବାର ସ୍ଥାନୀୟ ଆତିଥ୍ୟ ସଭା ଗୃହରେ ଇଂ ସୁରେନ୍ଦ୍ର ନାଥ ଦାସଙ୍କ ୫ଟି ପୁସ୍ତକ 'ନାରୀ', 'ମାତୃଶକ୍ତି', 'ରାଧା', 'ସାବିତ୍ରୀ' ଓ 'ଅହଲ୍ୟା' ଉନ୍ମୋଚନ ଅବସରରେ ମଞ୍ଚାସୀନ ଅତିଥି ଏହି ମତ ରଖିଥିଲେ। ପୁରାଣର ପ୍ରଖ୍ୟାତ ନାରୀମାନଙ୍କ ନାମକୁ ଆଧାର କରି ସାମ୍ପ୍ରତିକ ସ୍ଥିତରେ ସମାଜରେ ଚଳପ୍ରଚଳ କରୁଥିବା ସେହି ମହନୀୟ ଗୁଣର ଅଧିକାରିଣୀ କାହାଣୀ କୁ ଏହି ପୁସ୍ତକ ସମୁହରେ ବର୍ଣ୍ଣନା କରାଯାଇଛି। ପୁନଶ୍ଚ ଭାରତୀୟ ସଂସ୍କୃତି ଓ ଧାର୍ମିକ ଚେତନାର ବାର୍ତ୍ତାକୁ ପୁନର୍ଜୀବିତ କରିବା ପାଇଁ ଲେଖକ ଇଂ. ଦାସ ଉନ୍ମୋଚିତ ୩ ଟି ଉପନ୍ୟାସ ଓ ୨ ଟି ଗଳ୍ପ ପୁସ୍ତକ ମାଧ୍ୟମରେ ଏହି ପ୍ରୟାସ କରିଥିବା ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଧିରେନ୍ଦ୍ର ନାରାୟଣ ଦାସ ପୈରାହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଡ. ଶିରୀଶ ଚନ୍ଦ୍ର ଜେନା, ଇଂ. ହୃଷୀକେଶ ପଣ୍ଡା, ଇଂ ଦାସ ଙ୍କ ସହଧର୍ମିଣୀ ସତ୍ୟଭାମା ଦାସ ଓ କାଳିପଦ ପଣ୍ଡା ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମୀକ୍ଷକ ଭାବେ ଯୋଗ ଦେଇ ପୁସ୍ତକ ସମୁହ ର ସମୀକ୍ଷା କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଉପସ୍ଥାପକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଇଂ ଦାସ ଙ୍କ ପୁତ୍ରବଧୂ ଇଂ ଅମ୍ରିତା ପ୍ରଧାନ ଧନ୍ୟବାଦ କରିଥିଲେ।

ବରମୁଣ୍ଡ ଭୋଇ ସାହିରେ ଲକ୍ଷ୍ମୀପୂଜା

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ଶ୍ରୀଶ୍ରୀ ମା' ଗଜଲକ୍ଷ୍ମୀ ପୂଜା ବରମୁଣ୍ଡା ସ୍ଥିତ ଭୋଇ ସାହିରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଛି। ତିନି ଦିନ ବ୍ୟାପୀ ଏହି ପୂଜା ହୋମ ଯଜ୍ଞରେ ଅନୁଷ୍ଠିତ ହୋଇଥିଲା। ମା'ଙ୍କୁ ଦର୍ଶନ କରିବା ପାଇଁ ଏଠାକୁ ଶହ ଶହ ଭକ୍ତ ଭିଡ଼ ଦେଖିବା ପାଇଁ ମିଳିଥାଏ। ୯ ତାରିଖ ଦିନ କଳସ ଶୋଭାଯାତ୍ରା ସହ ପୂଜା ଆରମ୍ଭ ହୋଇଥିଲା। ୧୦ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତିରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୧ ତାରିଖ ଦିନ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସୌମ୍ୟ ରଞ୍ଜନ ମିଶ୍ର, ରେଣୁବାଳା ଦାସ,ଶୁକାନ୍ତ କୁମାର ଦାସ, ସୂଚିତ୍ର ଦାସ, ରାକେଶ, ରବୀନ୍ଦ୍ର ଓ ଶଙ୍କର୍ଷଣ ଭୋଇ ଉପସ୍ଥିତ ଥିଲେ।

ସଂଯୋଗ ଅନୁଷ୍ଠାନ ଆନୁକୂଲ୍ୟରେ ଗୋପକଥା

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲାର ଅଗ୍ରମୀ କ୍ଷେତ୍ରୀୟ ସ୍ତରୀୟ ଅନୁଷ୍ଠାନ ସଂଯୋଗ ଆନୁକୂଲ୍ୟରେ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜିରାଙ୍ଗ ଅଂଚଳରେ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ସେବା, ସାହିତ୍ୟ ଓ ଶିକ୍ଷା ପ୍ରତି ଥିବା ସ୍ୱତନ୍ତ୍ର ବିଚାର ପ୍ରସାର ପାଇଁ ଗୋପକଥା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜାମୁଯୋଡି, ଜିରାଙ୍ଗ, ପିଠାଗୋଳା ଓ ବଡପଳାଶପାଳ ଗ୍ରାମ ପଂଚାୟତର ମହିଳା ଓ ଯୁବ ପ୍ରତିନିଧିମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଦିନିକିଆ ଶିବିରରେ ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ତଥା ଆହିଂସକ କର୍ମୀ ଭକ୍ତବତ୍ସଳ ମହାନ୍ତି ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ପଣ୍ଡିତ ଗୋପବନ୍ଧୁ ଦାସ ସେବା ଓ ସଂଗ୍ରାମର ବାର୍ତ୍ତାବହ ଥିଲେ । ସେ ନିଃସ୍ୱାର୍ଥ ସେବା ଓ ଅନ୍ୟାୟ ବିରୋଧରେ ଅହିଂସା ମାର୍ଗରେ ସଂଗ୍ରାମ କରି ଆମ୍ଭମାନଙ୍କ ପାଇଁ ମାର୍ଗଦର୍ଶନ କରିଯାଇଛନ୍ତି । ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଯେ ଓଡିଆ ଭାଷା ବିଲୋପ ହେଲେ ଓଡିଆ ଜାତିର ପରିଚୟ ହଜିଯିବ । ଓଡିଆ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ଭାଷା ଭିତ୍ତିକ ଓଡିଆ ପ୍ରଦେଶ ଗଠନ ପାଇଁ ସଂଗ୍ରାମ ଜାରି ରଖିଥିଲେ । ଓଡିଶାର ବନ୍ୟା, ମରୁଡି ଓ ଦୁର୍ଭିକ୍ଷ ବେଳେ ତାଙ୍କର ସେବା କାର୍ଯ୍ୟ ତାଙ୍କୁ ଅବିସ୍ମରଣୀୟ କରିପାରିଛି । ଶିବିର ଶେଷରେ ହରିଚନ୍ଦନପୁର ବ୍ଲକର ବିଭିନ୍ନ ବିଦ୍ୟାଳୟ, ଯୁବକ ସଂଘ ଓ ଗ୍ରାମରେ ଗୋପକଥା କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବିଜୁଳି ଜୁଆଙ୍ଗ, ରୋହିତ ପାତ୍ର, ସବିତାରାଣୀ ଭିତ୍ତିରିଆ, ପ୍ରମିଳା ନାଏକ, ସୁରେନ୍ଦ୍ର ମହାନ୍ତ ପ୍ରମୁଖ ପରିଚାଳନା କରିଥିବା ବେଳେ ସଂଯୋଗର ସମ୍ପାଦକ ଭାଗିରଥି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

+୨ ନାମ ଲେଖା ନିମନ୍ତେ ଆବେଦନ କରି ପାରି ନ ଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଆଉ ଥରେ ଅନଲାଇନ ଆବେଦନ ଫର୍ମ ଗ୍ରହଣ କରିବାକୁ ଦାବି

ବାରିପଦା ,(ପି.ଏନ): ମୟୂରଭଞ୍ଜ ଓଡ଼ିଶାର ସବୁଠାରୁ ବଡ ଆଦିବାସୀ ବହୁଳ ଜିଲ୍ଲା । ଜିଲ୍ଲାର ଅନେକ ସ୍ଥାନକୁ ମୋବାଇଲ ଏବଂ ଇଣ୍ଟରନେଟ ଅପହଞ୍ଚ । ତେଣୁ ମେଟ୍ରିକ ପାସ କରିଥିବା ଅନେକ ଛାତ୍ରଛାତ୍ରୀ +୨ ପଢିବାକୁ ଇଚ୍ଛୁକ ଥିଲେ ମଧ୍ୟ ଅନଲାଇନ ଆବେଦନ କରିପାରି ନାହାନ୍ତି । ତା. ୧୮.୧୦.୨୦୨୨ ତାରିଖରେ ଷ୍ଟଟ ଆଡମିସନ ବାହାରିବାର ଥିଲା । ତେଣୁ ଛାତ୍ରଛାତ୍ରୀମାନେ ଆବେଦନ କରିବେ ବୋଲି ଆଶା ବାନ୍ଧି ଥିଲେ । କିନ୍ତୁ ରାଜ୍ୟ ସରକାର ୧୮ ତାରିଖ ଦିନ ଯେଉଁ ଷ୍ଟଟ ଆଡମିସନ ପାଇଁ ସୁଯୋଗ ଦେଇଛନ୍ତି ତାହା କେବଳ ଆଗରୁ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦିଷ୍ଟ । ତେଣୁ ରାଜ୍ୟ ସରକାର ସପ୍ଲିମେଣ୍ଟାରୀରେ ପାସ କରିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଆଉଥରେ ଅନଲାଇନ ଆବେଦନ ସୁଯୋଗ ଦେବା ନିମନ୍ତେ ପୂର୍ବତନ ସାଂସଦ ତଥା ରାଜ୍ୟ ସରକାରଙ୍କର ଆଦିବାସୀ ବିଭାଗ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ, ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ ନାୟକ ଓ ପୂର୍ବତନ ସିନେଟ ସଦସ୍ୟ ସଂଘମିତ୍ରା ରାଉତ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି । ତେଣୁ ଆଦିବାସୀ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ନଜର ରଖି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପୁଣି ଥରେ ଅନଲାଇନ ଆବେଦନ ନିମନ୍ତେ ସୁଯୋଗ ଦେବାକୁ ଦାବୀ ହେଉଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray